ସାପ୍ତାହିକ
# ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94
Vol.27 | Issue - 8 | 19 - 25 February 2023 | Sambalpur | Page- 8 | Invitation Price Rs.10

## ଓଡ଼ିଶା ସମେତ କୌଣସି ରାଜ୍ୟକୁ ମିଳିବ ନାହିଁ ସ୍ୱତନ୍ତ୍ର ମାନ୍ୟତା - କେନ୍ଦ୍ର ଅର୍ଥମନ୍ତ୍ରୀ

ଭୁବନେଶ୍ୱର: ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବ ନାହିଁ । କେବଳ ଓଡ଼ିଶା ନୁହେଁ, କୌଣସି ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମିଳିବ ନାହିଁ । ଏଥିଲାଗି ଅର୍ଥ କମିଶନ ତାଙ୍କ ରିପୋର୍ଟରେ ସୁପାରିଶ କରିଛନ୍ତି । ଆନ୍ଧ୍ରପ୍ରଦେଶ ବିଭାଜନ ସମୟରେ ରହିଥିବା ସର୍ତ୍ତ ଆଧାରରେ ତେଲଙ୍ଗାନାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦିଆଯାଇଛି ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ।

ସୂଚନାଯୋଗ୍ୟ, ଓଡ଼ିଶା ଗତ କିଛି ବର୍ଷ ଧରି ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦାବିକରି ଆସୁଛି । ପଛୁଆ ଅଞ୍ଚଳ ସାଙ୍ଗକୁ ବନ୍ୟା ଓ ବାତ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଲଗାତର ହେଉଥିବାରୁ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବାକୁ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କ ନିକଟରେ ବହୁବାର ଦାବିକରି ଆସୁଛନ୍ତି । ବିଜେଡି ଏମ୍‌ପିମାନେ ଏହି ପ୍ରସଙ୍ଗକୁ ପାର୍ଲାମେଣ୍ଟରେ ବହୁବାର ଉଠାଇ ଆସୁଛନ୍ତି । ତେବେ ନିର୍ମଳାଙ୍କ ସୂଚନା ପରେ ରାଜ୍ୟର ସ୍ୱତନ୍ତ୍ର ରାଜ୍ୟ ପାହ୍ୟ ମାନ୍ୟତା ଦାବିକୁ ଝଟକା ଲାଗିଛି । ଯେଉଁ ରାଜ୍ୟର ଅଧିକାଂଶ ଅଞ୍ଚଳ ଦୁର୍ଗମ ପାହାଡ଼ ସାଙ୍ଗକୁ ଅନ୍ତର୍ଜାତୀୟ ସୀମାକୁ ସଂଯୋଗ କରୁଥିବ, ଆର୍ଥିକ ଏବଂ ଭିତ୍ତିଭୂମି କ୍ଷେତ୍ରରେ ପଛୁଆ ଅଞ୍ଚଳ ହୋଇଥିବ ସେହି ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ମାନ୍ୟତା ଦେବା ପାଇଁ କେନ୍ଦ୍ର ସରକାରଙ୍କ ବ୍ୟବସ୍ଥା ରହିଛି ।




## ଧାରଣା ଦେବାକୁ ଆସିଥିବା କିନ୍ନରମାନଙ୍କୁ ମିଠା ବାଣ୍ଟିଲେ ଜୟ ମିଶ୍ରଙ୍କ ଝିଅ

ଭୁବନେଶ୍ୱର : ମହିଳା ପୋଲିସ ଅଧିକାରୀ ଓ ଜୟନାରାୟଣ ମିଶ୍ରଙ୍କ ମଧ୍ୟରେ ଠେଲାପେଲା ପ୍ରସଙ୍ଗକୁ ନେଇ ବିଜେଡି ପକ୍ଷରୁ କିନ୍ନରମାନେ ଜୟନାରାୟଣଙ୍କ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନ ସମ୍ମୁଖରେ ଆନ୍ଦୋଳନ କରିଛନ୍ତି । ଶତାଧିକ କିନ୍ନର ତାଙ୍କ ସରକାରୀ ବାସଭବନ ସମ୍ମୁଖରେ ପହଞ୍ଚି ଜୟନାରାୟଣଙ୍କ ବିରୋଧରେ ନାରାବାଜି କରିଥିଲେ । ଏଥିସହ ପ୍ଲାକାର୍ଡ ପ୍ରଦର୍ଶନ କରି କାର୍ଯ୍ୟାନୁଷ୍ଠାନ ଦାବିକରିଥିଲେ ।ଅନ୍ୟପକ୍ଷରେ ପ୍ରତିବାଦ ଆନ୍ଦୋଳନ କରି ଥକି ପଡ଼ିଥିବା କିନ୍ନରମାନଙ୍କୁ ମିଠା, ପାଣି, ଚା' ବାଣ୍ଟି ଜୟନାରାୟଣଙ୍କ ଝିଅ ଶୁଭଶ୍ରୀ ମିଶ୍ର ଚର୍ଚ୍ଚାକୁ ଆସିଛନ୍ତି । ଏନେଇ ସେ କହିଛନ୍ତି, ଆଜି ବାପାଙ୍କ ୬୦ ତମ ଜନ୍ମ ଦିନ ଥିବାରୁ ଆନ୍ଦୋଳନ - କରିବାକୁ ଆସିଥିବା କିନ୍ନର ସମାଜର ସଦସ୍ୟଙ୍କୁ ମିଠା ବାଣ୍ଟିଥିଲି । ଆମ ଘର ସାମ୍ନାରେ କିନ୍ନର ଆନ୍ଦୋଳନ ପ୍ରାୟୋଜିତ । କ୍ୟାମେରା ସାମ୍ନାରେ ସେମାନେ ହୋହଲ୍ଲା କରୁଥିଲେ । କ୍ୟାମେରା ବନ୍ଦ ପରେ ଚୁପ୍ ହୋଇଗଲେ । ଯେହେତୁ ବାପାଙ୍କ ଜନ୍ମ ଦିନ ଥିଲା ତେଣୁ ସେମାନଙ୍କୁ ମିଠା, ପାଣି, ଚା' ବାଣ୍ଟିଥିଲି । କିନ୍ନରମାନଙ୍କୁ ଶିବ–ଶକ୍ତିଙ୍କ ସ୍ୱରୂପ ଭାବେ ନିଆଯାଏ । ତାଙ୍କୁ ମିଠା ଦେବା ଏକ ଶୁଭ କାମ । ଅତିଥି ଭାବେ ସେମାନଙ୍କୁ ସ୍ୱାଗତ କରିଥିଲି । ସେମାନେ ଥକି ପଡ଼ିବା ଦେଖି ସେମାନଙ୍କୁ ପାଣି ଓ ମିଠା ଦେଇଥିଲି । ଏହା ପୁଣ୍ୟ କାମ ବୋଲି ଭାବୁଛି ।



## ଡିଆରଏମଙ୍କ ଝିଅଙ୍କ ଜୋତା ଖୋଜିଲେ ୩ ବିଭାଗ

ସମ୍ବଲପୁର: ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଝିଅ ବୋଲି ଜୋତା ଖୋଜିବାକୁ ଲାଗିଥିଲେ ରେଲୱେର ୩ ବିଭାଗର କର୍ମଚାରୀ । ସମ୍ବଲପୁରରୁ ନେଇ ଉତ୍ତରପ୍ରଦେଶ ବରେଲି ପର୍ଯ୍ୟନ୍ତ ଜୋତା ଖୋଜିଥିଲେ ଜିଆର୍‌ପି, ଆର୍‌ପିଏଫ୍ ଓ ଆଇଆର୍‌ସିଟିସି । ଗୋଟିଏ ମାସର ଅନୁସନ୍ଧାନ ପରେ ମିଳିଛି ଏହି ଦାମିକିଆ ଜୋତା । ହେଲେ ଜୋତା ନେଇଥିବା ମହିଳା ଜଣଙ୍କ ଜଣେ ଡାକ୍ତର । ମହିଳା ଡାକ୍ତର ଏବଂ ଡିଆର୍‌ଏମ୍‌ଙ୍କ ଝିଅ ଗୋଟିଏ ଟ୍ରେନ୍‌ରେ ଯାତ୍ରା କରୁଥିଲେ । ବରେଲିରେ ଓହ୍ଲାଇବାବେଳେ ଭୁଲ୍‌ବଶତଃ ଡିଆର୍‌ଏମ୍‌ଙ୍କ ଝିଅର ଜୋତା ନେଇଯାଇଥିଲେ । ସେ ଏହାକୁ ଫେରାଇ ଦେଇଛନ୍ତି । ଯାହାକୁ ନେଇ ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଥିଲା ।

ପୂର୍ବତଟ ରେଳବାଇର ସମ୍ବଲପୁର ଡିଆର୍‌ଏମ୍ ଭିନିତ୍ ସିଂହ ଜାନୁଆରୀ ୫ ତାରିଖରେ ତାଙ୍କ ଝିଅର ଜୋତା ଚୋରି ହୋଇଥିବା ନେଇ ସମ୍ବଲପୁର ଜିଆର୍‌ପି ଥାନାରେ ଏତଲା ଦେଇଥିଲେ । ଉକ୍ତ ଜୋତାର ମୂଲ୍ୟ ୧୦ ହଜାର ଟଙ୍କା । ତାଙ୍କ ଝିଅ(୨୦) ଲକ୍ଷ୍ନୌ ମେଲ୍‌ର ଫାଷ୍ଟ୍ କ୍ଲାସ୍ ଏସି ବଗିରେ ଦିଲ୍ଲୀ ଯାଉଥିଲେ । ହେଲେ ବରେଲି ଷ୍ଟେସନରେ ଚପଲ ଚୋରି ହୋଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି । ଏହି ଜୋତା ଚୋରି ମାମଲା ସମ୍ବଲପୁର ଜିଆର୍‌ପିରୁ ବରେଲି ଜିଆର୍‌ପିକୁ ସ୍ଥାନାନ୍ତର କରାଯାଇଥିଲା । ଏହାପରେ ଜୋତା ଖୋଜିବାକୁ ଲାଗି ପଡ଼ିଥିଲେ ୨ ଡିଭିଜନର ଜିଆର୍‌ପି ଆରପିଏଫ ଏବଂ ଆଇଆର୍‌ସିଟିସି କର୍ମଚାରୀ । ଚପଲ ଖୋଜି ନୟାନ୍ତ ହେବା ପରେ ଶେଷରେ ୩୪ ବର୍ଷୀୟ ଜଣେ ମହିଳା ଡାକ୍ତରଙ୍କଠାରୁ ଉକ୍ତ ଜୋତା ଉଦ୍ଧାର କରାଯାଇଛି ।

## 'ସ୍ୱୀକାର' ସାରସ୍ୱତ ସମାରୋହ - ୨୦୨୩

**ସ୍ଥାନ: ହୋଟେଲ ଶିଳା ଟାୱାର, ସମ୍ବଲପୁର**

**ତାରିଖ: ୨୫ ଓ ୨୬ ଫେବ୍ରୁଆରୀ ୨୦୨୩, ସମୟ: ସନ୍ଧ୍ୟା ୫.୩୦**

ଭିତ୍ତିବକ୍ତବ୍ୟ ପ୍ରଦାନ କରିବେ
**ଡାକ୍ତର କୃଷ୍ଣକେଶବ ଷଡ଼ଙ୍ଗୀ**
ବିଶିଷ୍ଟ ବାଗ୍ମୀ ଓ ଗବେଷକ



**ତାରିଖ: ୨୫.୦୨.୨୦୨୩ (ଶନିବାର)**

ଉଦ୍‌ଘାଟକ



**ଶ୍ରୀ ଇନ୍ଦ୍ରମଣି ତ୍ରିପାଠୀ**
ନିର୍ଦ୍ଦେଶକ, ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡ଼ିଶା ସରକାର

-: ବିଷୟବସ୍ତୁ :-
**ଦାରୁବ୍ରହ୍ମ ଶ୍ରୀଜଗନ୍ନାଥ**

ମୁଖ୍ୟ ଅତିଥି



**ପ୍ରଫେସର ଏନ୍.ନାଗରାଜୁ**
କୁଳପତି, ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁର

**ତାରିଖ: ୨୬.୦୨.୨୦୨୩ (ରବିବାର)**

ମୁଖ୍ୟ ଅତିଥି



**ଜଷ୍ଟିସ୍ ଡକ୍ଟର ସଞ୍ଜୀବ କୁମାର ପାଣିଗ୍ରାହୀ**
ମାନ୍ୟବର ବିଚାରପତି, ଓଡ଼ିଶା ହାଇକୋର୍ଟ

-: ବିଷୟବସ୍ତୁ :-
**ବୈଦେହୀଶ ବିଳାସ ଓ ତପସ୍ୱିନୀ: ଏକ ତୁଳନାତ୍ମକ ଅନୁଶୀଳନ**

ଉଭୟ ଦିବସରେ ଅଧ୍ୟକ୍ଷତା କରିବେ
**ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ**
ପୂର୍ବତନ କୁଳପତି, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ



ଏହି ଦ୍ୱିଦିବସୀୟ ସାରସ୍ୱତ ଉତ୍ସବରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।

**ହେମନ୍ତ କୁମାର ମହାପାତ୍ର**
ସଂପାଦକ, 'ସ୍ୱୀକାର'

## ଝାରସୁଗୁଡ଼ାରେ ପାନ୍ଥନିବାସ କୋଠା ଭାଙ୍ଗି ତାରକା ହୋଟେଲ ନିର୍ମାଣ ପ୍ରସଙ୍ଗରେ ଜନସ୍ୱାର୍ଥ ମାମଲା ଗ୍ରହଣ କଲେ ହାଇକୋର୍ଟ

କଟକ : ଝାରସୁଗୁଡ଼ାରେ ନବ ନିର୍ମିତ ପାନ୍ଥନିବାସ ଭାଙ୍ଗି ଘରୋଇ ସଂସ୍ଥାକୁ ତିନି ତାରକା ହୋଟେଲ ନିର୍ମାଣ ପାଇଁ ଅନୁମତି ଦିଆଯିବା ଘଟଣାକୁ ବେଆଇନ ଦର୍ଶାଇ ଦାୟର ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ବିଚାର ପାଇଁ ଗ୍ରହଣ କରିଛନ୍ତି । ଏଥି ସହିତ ମାମଲାରେ ରାଜ୍ୟ ପର୍ଯ୍ୟଟନ ବିଭାଗ, ଝାରସୁଗୁଡ଼ା ଜିଲ୍ଲାପାଳ, ଇଡକୋ, ଭିଜିଲାନ୍ସ ନିର୍ଦ୍ଦେଶକ,





ଝାରସୁଗୁଡ଼ା ପୌର ପାଳିକା ସମେତ ସମସ୍ତ ୧୫ ପ୍ରତିପକ୍ଷଙ୍କୁ ହାଇକୋର୍ଟ ନୋଟିସ୍ ଜାରି କରି ୪ ସପ୍ତାହ ଭିତରେ ଜବାବ ଦାଖଲ ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ମୁଖ୍ୟ ବିଚାରପତି ଡକ୍ଟର ଜଷ୍ଟିସ ଏସ.ମୁରଲୀଧର ଓ ଜଷ୍ଟିସ ଏମ.ଏସ.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସତ୍ୟନାରାୟଣ ରାଓଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି । ଏପ୍ରିଲ ୧୨କୁ ମାମଲାର ପରବର୍ତ୍ତୀ ଶୁଣାଣି ଧାର୍ଯ୍ୟ କରାଯାଇଛି । ମାମଲାର ବିବରଣୀରୁ ପ୍ରକାଶ ଯେ, ଝାରସୁଗୁଡ଼ାରରେ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ପାନ୍ଥନିବାସ କେନ୍ଦ୍ର ପ୍ରାୟ ୬ କୋଟି ଟଙ୍କା ବ୍ୟୟରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ନିର୍ମାଣ କରାଯାଇଥିଲା । କରୋନା ସଂକ୍ରମଣ ପୂର୍ବରୁ ଏଠାରେ ସରକାର ୨ କୋଟି ଟଙ୍କା ନିବେଶ କରିଥିଲେ । କରୋନା ସଂକ୍ରମଣ ସମୟରେ ସଂକ୍ରମିତଙ୍କ ଚିକିତ୍ସା ପାଇଁ ମଧ୍ୟ ଏହି କୋଠା ବ୍ୟବହାର ହୋଇଥିଲା । କିନ୍ତୁ ପରବର୍ତ୍ତୀ ସମୟରେ ଏହାକୁ ୨୦୨୨ରେ ଏକ ଚୁକ୍ତି ବଳରେ ସରକାର ଘରୋଇ ସଂସ୍ଥାକୁ ୩୦ ବର୍ଷିଆ ଲିଜ୍ ସୂତ୍ରରେ ଚଳାଇବାକୁ ଦେଇଥିଲେ ଓ ସଂପୃକ୍ତ ଘରୋଇ ସଂସ୍ଥା କେନ୍ଦ୍ରର କୋଠାକୁ ଭାଙ୍ଗି ସେଠାରେ ଏକ ତିନି ତାରକା ହୋଟେଲ ନିର୍ମାଣ କରିଛି । ସରକାର ଓ ଘରୋଇ ସଂସ୍ଥା ମଧ୍ୟରେ ହୋଇଥିବା ଚୁକ୍ତି ଅନୁସାରେ ପୁରୁଣା ନିର୍ମାଣ ଭଙ୍ଗା ଯାଇ ପାରିବ ନାହିଁ । କିନ୍ତୁ ସବୁ ନିୟମକୁ ଜଳାଞ୍ଜଳି ଦେଇ ପୁରୁଣା ନିର୍ମାଣକୁ ଭାଙ୍ଗି ପର୍ଯ୍ୟଟନ ବିଭାଗର ତିନି ଏକର ଜମିରେ ତିନି ତାରକା ହୋଟେଲ ନିର୍ମାଣ ପାଇଁ ବିଭିନ୍ନ ସରକାରୀ କର୍ତ୍ତୃପକ୍ଷ ଅନୁମତି ଦେଇଥିଲେ । ଜମିର କିସମ ମଧ୍ୟ ପରିବର୍ତ୍ତନ କରାଯାଇଥିଲା । ନିକଟରେ ଅନୁଷ୍ଠିତ ହକି ବିଶ୍ୱକପ ବେଳେ ଏହି ହୋଟେଲ ବ୍ୟବହାର ହୋଇଥିଲା । ସମଗ୍ର ପ୍ରକ୍ରିୟାରେ ବ୍ୟାପକ ଅନିୟମିତତା ଅଭିଯୋଗ ହୋଇଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ । ଏହି ଘଟଣାର ଭିଜିଲାନ୍ସ କିମ୍ବା ସ୍ୱାଧୀନ ଏଜେନ୍ସି ଦ୍ୱାରା ତଦନ୍ତ କରାଯାଉ ବୋଲି ଆବେଦନକାରୀ ଶ୍ରୀ ରାଓ ଦର୍ଶାଇଛନ୍ତି ।

## ଏ ସଂଖ୍ୟାରେ..


ଗୋଲମରିଚର ଔଷଧୀୟ ଗୁଣ


ମାଂସପେଶୀ ସୁଦୃଢ଼ କରେ ଚିନାବାଦାମ


ଗୁଣକାରୀ ଧନିଆ


କ୍ୟାନସର ଦୂର କରିବ ସୋରିଷ ଶାଗ


ସୁସ୍ଥ ଶରୀର ପାଇଁ ମହୁ


କଞ୍ଚା ଆମ୍ବର ଉପକାରିତା

# ଗୁଗୁଲ 'ବାର୍ଡ଼'

**ଡକ୍ଟର ପ୍ରଦୀପ ମହାପାତ୍ର**
ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ
ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

**ଇ**ଣ୍ଟରନେଟ କ୍ରମବିକାଶ ଇତିହାସରେ ପ୍ରଥମଥର ନିମନ୍ତେ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ ଚାଟ-ବଟ 'ଚାଟ-ଜିପିଟି' ୩୦ ନଭେମ୍ବର ୨୦୨୨ରେ ଆତ୍ମପ୍ରକାଶ କରିବା ଦୁଇ ମାସ ମଧ୍ୟରେ ଦଶ କୋଟି ଉପଭୋକ୍ତା ସୃଷ୍ଟି କରିଥିବା 'ସିମିଲାର-ୱେବ' ନାମକ ଇଣ୍ଟରନେଟ ଗବେଷଣା ସଂସ୍ଥା ପକ୍ଷରୁ ୨୦୨୩ ଫେବୃୟାରୀ ପ୍ରଥମ ସପ୍ତାହରେ ସୂଚିତ କରାଯାଇଥିଲା । 'ସେନସର-ଟାୱାର' ନାମକ ଅନ୍ୟ ଏକ ଗବେଷଣା ସଂସ୍ଥାର ହିସାବରେ ଆନ୍ତର୍ଜାତିକସ୍ତରରେ ଅନ୍ୟ ଦୁଇ ଲୋକପ୍ରିୟ ମଞ୍ଚ 'ଟିକ-ଟକ' ପ୍ରକାଶନପରେ ଦଶ କୋଟି ବ୍ୟବହାରକାରୀ ସଂଗ୍ରହ ପାଇଁ ନଅ ମାସ ନେଇଥିବା ସ୍ଥଳେ 'ଇନଷ୍ଟାଗ୍ରାମ' କ୍ଷେତ୍ରରେ ସେତିକି ସଂଖ୍ୟକଙ୍କୁ ମଞ୍ଚ ପ୍ରତି ଆକର୍ଷିତ କରିବା ନିମନ୍ତେ ଦୁଇ ବର୍ଷ ଲାଗି ଯାଇଥିଲା । 'ଚାଟ-ଜିପିଟି'ର ଉଦ୍ୟୋକ୍ତା ଯୁକ୍ତରାଷ୍ଟ୍ର ଆମେରିକା ସାନଫ୍ରାନ୍ସିକୋ-କେନ୍ଦ୍ରୀକ 'ଓପନ-ଏଆଇ' ଲାଙ୍ଗୁଏଜ ମଡ଼େଲ ସହ ଏଆଇଭିତ୍ତିକ ଇମେଜ ଜେନେରେଟର 'ଡ଼େଲ-ଇ' ମଧ୍ୟ ବିକଶିତ କରିଛି ।

ସୃଜନ କୃତ୍ରିମ ବୁଦ୍ଧିମତ୍ତା 'ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ' ପ୍ରତି ଉପଭୋକ୍ତାଙ୍କ ଆଗ୍ରହକୁ ଭିତ୍ତି କରି ଇଣ୍ଟରନେଟ ଦୌଡ଼ରେ ପ୍ରଥମ ସ୍ଥାନ ଅଧିକାର କରୁଥିବା 'ଗୁଗୁଲ' ପକ୍ଷରୁ 'ବାର୍ଡ଼' ନାମକ ଏକ 'ଏକ୍ସପରିମେଣ୍ଟାଲ ଅବଜରଭେସନାଲ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ' ପ୍ରସ୍ତୁତ କରିଥିବା ୬ ଫେବୃୟାରୀ ୨୦୨୩ରେ ଘୋଷଣା କରିଛି । 'ଗୁଗୁଲ'ର ଅଧକ୍ଷ ସୁନ୍ଦର ପିଚାଇ ଏକ ବ୍ଲଗପୋଷ୍ଟରେ ଉଲ୍ଲେଖ କରିଥିଲେ ଯେ 'ବାର୍ଡ଼' ପ୍ରଥମେ ପରୀକ୍ଷାମୂଳକଭାବେ ନିର୍ଦ୍ଦିଷ୍ଟ ସଂଖ୍ୟକ ବିଶ୍ୱସ୍ତ ଉପଭୋକ୍ତାଙ୍କ ବ୍ୟବହାର ନିମନ୍ତେ ଉନ୍ମୁକ୍ତ କରାଯିବ । ସମୟକ୍ରମେ ଏହା ସର୍ବସାଧାରଣ ବ୍ୟବହାର୍ଯ୍ୟ ମଞ୍ଚରେ ପରିଣତ ହେବ । ଗୁଗୁଲ ପକ୍ଷରୁ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ ପ୍ରୟୋଗରେ ଲାଙ୍ଗୁଏଜ ମଡ଼େଲ ବିକାଶ ନିମନ୍ତେ ଯତ୍ନ ଜାରି ରହିଆସିଛି । ୨୦୨୦ରେ 'ଲାଙ୍ଗୁଏଜ ମଡ଼େଲ ଫର ଡ଼ାଏଲଗ ଆପ୍ଲିକେସନ' ନାମରେ ଏକ ସଫଟୱେର ବିକାଶ କରାଯାଇଥିଲା ।

ସୁନ୍ଦର ପିଚାଇଙ୍କ ଭାଷାରେ ଆନ୍ତର୍ଜାତିକସ୍ତରରେ ବିଭିନ୍ନ କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସର ପ୍ରୟୋଗ ସଂପର୍କରେ ଗବେଷଣା ପ୍ରାଥମିକତା ଦାବି କରୁଛି । ଉଲ୍ଲେଖଯୋଗ୍ୟ ବିଷୟ ଏହି ଯେ ପ୍ରତି ଛଅମାସରେ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ ଗବେଷଣାର ସଂଖ୍ୟା ଦ୍ୱିଗୁଣିତ ହୋଇଚାଲିଛି । ଫଳତଃ, ବହୁ ବ୍ୟବହାରଯୋଗ୍ୟ ଉତ୍ପାଦ ବଜାରକୁ ଆସୁଛି ଏବଂ ବିଶ୍ୱବାସୀ ଉନ୍ନତରୁ ଅତି-ଉନ୍ନତ ସ୍ତରର ସେବା ପ୍ରାପ୍ତି ନିମନ୍ତେ ହକଦାର ହୋଇପାରୁଛନ୍ତି । ଗୁଗୁଲ ପକ୍ଷରୁ ଲାଏମଡ଼ା, ପାଲ-ଏମ, ଇମାଜେନ ଓ ମ୍ୟୁଜିକ-ଏଲଏମ ଭଳି ଆର୍ଟିଫିସିଆଲ ଇଣ୍ଟିଲିଜେନ୍ସ ସମୃଦ୍ଧ ଉତ୍ପାଦମାନ ଲୋକାର୍ପିତ ।

କୁହାଯାଏ ଯେ ଗୁଗୁଲ ଦୀର୍ଘ ଅତୀତରୁ ବିଭିନ୍ନ ସାଧନରେ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ ଉପଯୋଗ କରି ଆସୁଥିଲେହେଁ ଉପଭୋକ୍ତାଙ୍କୁ ସିଧାସଳଖ ବ୍ୟବହାରଲାଗି ଉନ୍ମୁକ୍ତ କରିନଥିଲା । କିନ୍ତୁ 'ଓପନ-ଏଆଇ' ପକ୍ଷରୁ 'ଚାଟ-ଜିପିଟି' ପ୍ରକାଶନ ଏବଂ ଖୁବ କମ ସମୟରେ ବିଶ୍ୱବ୍ୟାପୀ ଉପଭୋକ୍ତାଙ୍କ ଦୃଷ୍ଟି ଆକର୍ଷଣ ପରେ 'ଗୁଗୁଲ'କୁ ସମଧରଣର ସୁବିଧା ସୁଯୋଗ ବଜାରକୁ ଛାଡ଼ିବା ଏକରକମ ବାଧବାଧକତାରେ ପରିଣତ ହୋଇଥିଲା । ଅନ୍ୟପକ୍ଷରେ 'ଓପନ-ଏଆଇ' ମଞ୍ଚ ଗୁଗୁଲର ପ୍ରତିଯୋଗୀ 'ମାଇକ୍ରୋସଫଟ' ଦ୍ୱାରା ସମର୍ଥିତ ଏବଂ 'ଚାଟ-ଜିପିଟି' ଉନ୍ମୋଚନ ପରେ 'ମାଇକ୍ରୋସଫଟ' ବିପୁଳ ଧନରାଶି ଏହି ଚାଟ-ବଟରେ ନିବେଶ କରିବା ନିମନ୍ତେ ଘୋଷଣା କରିଥିଲା । ଅତଏବ 'ଚାଟ-ବଟ'କୁ କେନ୍ଦ୍ର କରି 'ମାଇକ୍ରୋସଫଟ' ଓ 'ଗୁଗୁଲ' ମଧ୍ୟରେ ପ୍ରତିଦ୍ୱନ୍ଦିତା ସୁସ୍ପଷ୍ଟ ।

'ଚାଟ-ଜିପିଟି' ଓ 'ବାର୍ଡ' ମଧ୍ୟରେ କେତେକ ମୌଳିକ ପାର୍ଥକ୍ୟ ଦେଖିବାକୁ ମିଳିବ । ଦୁଇଗୋଟି ମଞ୍ଚରେ ଉପଭୋକ୍ତା ପ୍ରଶ୍ନ କଲେ 'ମେସିନ ଲର୍ଣ୍ଣି' ପଦ୍ଧତିରେ ତାହାର ଉତ୍ତର କ୍ଷଣିକ ମଧ୍ୟରେ ଲିଖିତ ଆକାରରେ ଖୋଜି ବାହାର କରାଯିବ । 'ଚାଟ-ଜିପିଟି'ରେ ପୂର୍ବ-ଗଚ୍ଛିତ ତଥ୍ୟାବଳୀରୁ ଆବଶ୍ୟକୀୟ ଉତ୍ତର ଖୋଜାଯିବା ବ୍ୟବସ୍ଥା ପ୍ରଚଳିତ ଥିବା ସ୍ଥଳେ 'ବାର୍ଡ'ରେ 'ଗୁଗୁଲ'ର ପହଞ୍ଚ ଇଣ୍ଟରନେଟରେ ଉପଲବ୍ଧ ସମସ୍ତ ତଥ୍ୟ ସାମିଲ ହେବା ଅନୁମାନ କରାଯାଉଛି । 'ଚାଟ-ଜିପିଟି'ରେ ୨୦୨୩ ଆରମ୍ଭ ସୁଦ୍ଧା ୨୦୨୧ ମସିହା ଯାଏଁ ତଥ୍ୟ ଗଚ୍ଛିତ ରଖାଯାଇଥିଲା । ତେଣୁ ସେହି ସମୟସୀମା ଯାଏଁ ପ୍ରଶ୍ନର ଉତ୍ତର ପାଇବା ସମ୍ଭବ । ଉଦାହରଣରେ ଋଷ-ୟୁକ୍ରେନ ଯୁଦ୍ଧ ୨୦୨୨ ମସିହାରେ ଆରମ୍ଭ ହୋଇଥିବା ହେତୁ ୨୦୨୩ ଫେବୃୟାରୀ ସୁଦ୍ଧା 'ଚାଟ-ଜିପିଟି'ରେ ଯୁଦ୍ଧ ସଂପର୍କୀତ ତଥ୍ୟ ଖୋଜି ବାହାର କରାଯାଇ ନ ପାରେ ।

ସୃଜନ କୃତ୍ରିମ ବୁଦ୍ଧିମତ୍ତା 'ଜେନେରେଟିଭ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ' ବିକାଶ କ୍ଷେତ୍ରରେ ମାଇକ୍ରୋସଫଟ ଓ ଗୁଗୁଲ ପରକୁ ଚୀନର ସର୍ଚ୍ଚ ଇଞ୍ଜିନ 'ବାଇଡୁ' ପକ୍ଷରୁ ୨୦୨୨ ମାର୍ଚ୍ଚ ମାସ ସୁଦ୍ଧା 'ଏରନି-ବଟ' ନାମରେ ସମ ଧରଣର ଏକ 'ଚାଟ-ବଟ' ପ୍ରକାଶ କରିବା ନେଇ ଘୋଷଣା କରିଥିଲା । ୨୦୨୩ ଫେବୃୟାରୀ ପ୍ରଥମାର୍ଦ୍ଧ ଯାଏଁ ଜର୍ମାନୀ, ବ୍ରିଟେନ, ଫ୍ରାନ୍ସ ଓ ଋଷରୁ ଏହି କ୍ଷେତ୍ରରେ ନୂତନ ଉଦ୍ଭାବନ ସଂପର୍କରେ ଘୋଷଣା ହୋଇନଥିଲେ ସୁଦ୍ଧା ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ ପ୍ରାଦ୍ୟୋଗିକୀ କୌଶଳରେ ଆଗୁଆଥିବା ହେତୁ ନିକଟ ଭବିଷ୍ୟତରେ ବହୁ ଉତ୍ପାଦ ବିକଶିତ ହେବା ସମ୍ଭାବନାକୁ ଏଡ଼ାଇ ଦିଆ ନ ଯାଇପାରେ । ପରୋକ୍ଷରେ କହିବାକୁଗଲେ ସିଲିକନ ଭେଲିରେ ୨୦୨୨ ଶେଷ ପାଦରେ ଆରମ୍ଭ ହୋଇଥିବା ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ ପ୍ରୟୋଗ ଧାରା ବିଶ୍ୱବ୍ୟାପୀ କମ୍ପ୍ୟୁଟିଂରେ ଏକ ନୂତନ ତରଙ୍ଗ 'ଏ ନ୍ୟୂ ୱେବ ଇନ କମ୍ପ୍ୟୁଟିଂ'ରେ ପର୍ଯ୍ୟବଶିତ ହେବା ସୁନିଶ୍ଚିତ ।

ଇଂଲିଶ ଶବ୍ଦ 'ବାର୍ଡ' – ବି.ଏ.ଆର.ଡ଼ି.ର ଅର୍ଥ କବି ବା ଗାୟକ । ମଧ-ଯୁଗରେ ଜନପଦ ବୁଲି ପ୍ରବୃତ୍ତି ତଥା ବୃତ୍ତିଗତ ଭାବେ ଗୀତ ଗାଉଥିବା ସର୍ଜନଶୀଳଙ୍କୁ 'ବାର୍ଡ' କୁହାଯାଉଥିଲା । ଆମ ଓଡ଼ିଆ ସମାଜରେ ମଧ ଏହି ଧରଣର ଗାୟନ ପରମ୍ପରା ରହି ଆସିଥିଲା । ବର୍ତ୍ତମାନ 'ଗୁଗୁଲ'ର 'ବାର୍ଡ' ମୋବାଇଲ ସ୍ମାର୍ଟଫୋନ ପରଦାରେ ଅନୁରୋଧ ମାତ୍ରେ ସୃଜନ ସୃଷ୍ଟିର ପ୍ରତିଶୃତି ନେଇ ପହଞ୍ଚିଛି । 'ଗୁଗୁଲ' ପକ୍ଷରୁ କୁହାଯାଇଛି ଯେ ଗୁଗୁଲ ସର୍ଚ୍ଚ ଇଞ୍ଜିନରେ ମଧ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ ପ୍ରୟୋଗ କରାଯିବ । ଉଦାହରଣରେ ସର୍ଚ୍ଚରେ ଯେକୌଣସି ବିଷୟରେ ଜାଣିବାକୁ ଚାହିଁଲେ ଅନଲାଇନ ମଞ୍ଚରେ ଉପଲବ୍ଧ ରଚନାବଳୀରୁ ତଥ୍ୟ ଆହରଣ ସମ୍ଭବ ହୋଇପାରୁଥିବା ସ୍ଥଳେ କ୍ରମଶଃ ଜଟିଳ ପ୍ରଶ୍ନୋତ୍ତର ମଧ ପାଇ ହେବ । ଯଥା : ୨୦୨୩ ଶେଷ ସୁଦ୍ଧା ଗୁଗୁଲ ଟ୍ରାନ୍ସଲେଟର ଗୁଣବତ୍ତା ବିକାଶ ହେବା ପରେ କେତେ ମାତ୍ରାରେ ଓଡ଼ିଶାର ପାଠକ ଲାଟିନ ଆମେରିକା ସାହିତ୍ୟ ଓଡ଼ିଆରେ ପଢ଼ିବାକୁ ଆଗ୍ରହ ପ୍ରକାଶ କରିବେ... ଇତ୍ୟାଦି... ।

ଗୁଗୁଲ ମୁଖ୍ୟ ନିଜ ସର୍ଚ୍ଚ ଇଞ୍ଜିନରେ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ ବିଭବ ସଂଯୋଗ କରିବା ଘୋଷଣାର ତିନିଦିନ ମଧ୍ୟରେ ମାଇକ୍ରୋସଫଟର ମୁଖ୍ୟ ସତ୍ୟ ନଡ଼େଲା ୱାଶିଂଟନ ରାଜ୍ୟ ରେଡ଼ମଣ୍ଡଠାରେ ମାଇକ୍ରୋସଫଟ ପକ୍ଷରୁ ଏହା ସର୍ଚ୍ଚ ଇଞ୍ଜିନ 'ବିଙ୍ଗ'ରେ ଆର୍ଟିଫିସିଆଲ ଇଣ୍ଟଲିଜେନ୍ସ ସଂଯୋଗ ସହ ଏକ ନୂତନ ସଂସ୍କରଣ ପ୍ରକାଶନ ଘୋଷଣା କରିଥିଲେ । ଏକ ହିସାବ ଅନୁଯାୟୀ ୨୦୨୩ ଫେବୃୟାରୀ ମାସ ସୁଦ୍ଧା 'ବିଙ୍ଗ' ବିଶ୍ୱବ୍ୟାପୀ ସର୍ଚ୍ଚ ଇଞ୍ଜିନ ବ୍ୟବହାରରେ ମାତ୍ର ଦଶ ପ୍ରତିଶତ ଦାବି କରୁଥିଲେ ହେଁ ନୂତନ ସଂସ୍କରଣ ଅଧିକ ସଂଖ୍ୟକ ବ୍ୟବହାରକାରୀଙ୍କୁ ଆକର୍ଷିତ କରିବା ଏବଂ ଅଧିକ ବିଜ୍ଞାପନ ରାଜସ୍ୱ ଆୟ ଆଶା କରାଯାଇଥିଲା । ମାଇକ୍ରୋସଫଟ ୱିଣ୍ଡୋସ ଅପରେଟିଂ ସିଷ୍ଟମର ସତ୍ତ୍ୱାଧିକାରୀ । ଏହାର ୱେବ ବ୍ରାଉଜର 'ଏଡ଼ଜ' ମଧ ଉପଲବ୍ଧ । ସର୍ଚ୍ଚ ଇଞ୍ଜିନ 'ବିଙ୍ଗ'ର ସର୍ଚ୍ଚ ରିଜଲ୍ଟସ ସହ ସଂପୃକ୍ତ ୱେବ ପେଜର ସାରାଂଶ ପ୍ରଦାନ ନୂତନ ସଂସ୍କରଣରେ ଉଲ୍ଲେଖନୀୟ ପରିବର୍ତ୍ତନ ରୂପେ ଚିହ୍ନଟ କରାଯାଏ । ବିଶେଷଜ୍ଞଙ୍କ ମତରେ 'ଚାଟ-ଜିପିଟି', 'ବାର୍ଡ' ଓ 'ଏରନି-ବଟ' ଭଳି 'ଚାଟ-ବଟ' ସର୍ଜନଶୀଳଙ୍କ ପ୍ରାଥମିକ କାର୍ଯ୍ୟାବଳୀ ତଥ୍ୟ ସଂଗ୍ରହ ଓ ଏକତ୍ରୀକରଣ ଭଳି ଦାୟିତ୍ୱ ସଂଭାଳିବା ପରେ ସୃଜନର ଗୁଣାତ୍ମକ ବିକାଶ ନିମନ୍ତେ ଉନ୍ନତ ସୋପାନ ଆରୋହଣ ସଂଭାବନା ଭବିଷ୍ୟତ ଲାଗି ସକାରାତ୍ମକ ଚିତ୍ର ଉଭାସିତ କରିଥାଏ ।

## ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ୨୦୦ ତମ ଜୟନ୍ତୀ ପାଳିତ

ଝାରସୁଗୁଡ଼ା : ବୈଦିକ ଆନ୍ଦୋଳନର କର୍ଣ୍ଣଧାର ତଥା ଆର୍ଯ୍ୟ ସମାଜର ପ୍ରାଣ ପ୍ରତିଷ୍ଠାତା, ଲେଖକ, ସମାଜ ସଂସ୍କାରକ ସ୍ୱାମୀ ଦୟାନନ୍ଦଙ୍କ ୨୦୦ ତମ ଜନ୍ମ ଜୟନ୍ତୀ ଡିଏଭି ପବ୍ଲିକ ସ୍କୁଲ ପରିସରରେ ପାଳିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ଅଧକ୍ଷ ପ୍ରଶାନ୍ତ କୁମାର ପଣ୍ଡା ସ୍ୱାମୀ ଦୟାନନ୍ଦଙ୍କ ପ୍ରତିମାରେ ମାଲ୍ୟାର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିବା ସହ ସ୍ୱାଗତ ଭାଷଣରେ ଶିକ୍ଷକଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀମାନଙ୍କୁ ଆର୍ଯ୍ୟ ସମାଜର ନୀତି ନିୟମଗୁଡ଼ିକୁ ଜୀବନରେ ଆପଣେଇବା ଲାଗି ଆହ୍ୱାନ କରିଥିଲେ । ଶିକ୍ଷୟିତ୍ରୀ ଡକ୍ଟର ମଞ୍ଜୁଶ୍ରୀ ବେଦୁଲା ଓ ଶିକ୍ଷକ ବିଶ୍ୱ ରଞ୍ଜନ ପାଢ଼ୀ ସ୍ୱାମୀ ଦୟାନନ୍ଦଙ୍କ ଜୀବନ ଇତିହାସ ବିଷୟରେ ଗବେଷଣାତ୍ମକ ଉପସ୍ଥାପନ କରିଥିଲେ । ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ହର୍ଷିତ ଶାସ୍ତ୍ରୀ ଆର୍ଯ୍ୟ ସମାଜର ନିୟମାବଳୀ ପାଠ କରିଥିବାବେଳେ ଅନୁରାଗ ଝା ସ୍ୱାମୀ ଦୟାନନ୍ଦଙ୍କ ଜୀବନୀ ବିଷୟରେ ନିଜ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ 'ଏକ୍ସପେରିଏନ୍ସ ଜାପାନ' ଦ୍ୱାରା ଆୟୋଜିତ ଜାପାନ ଅନ କାନଭାସ ୨୦୨୨ ରେ ଅଭୂତପୂର୍ବ ସଫଳତା ହାସଲ କରିଥିବା ଛାତ୍ରୀ ସିଦ୍ଧି ମହାପାତ୍ର ଓ ଛାତ୍ର ହେମନ୍ତ କୁମାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## କୁତମୁଣ୍ଡା ୟୁପି ସ୍କୁଲର ବାର୍ଷିକ ଉତ୍ସବ

ବଲାଙ୍ଗୀର : କୁତମୁଣ୍ଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ମୋ ସ୍କୁଲର ସଭାପତି ଚିତ୍ରସେନ ମେହେରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପାଟଣାଗଡ଼ ଗୋଷ୍ଠୀ ଶିକ୍ଷା ଉନ୍ନୟନ ଅଧିକାରୀ ଶଙ୍କର ପ୍ରସାଦ ମାଝୀ ମୁଖ୍ୟ ଅତିଥି ଓ ରତନ ଧରୁଆ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ରଘୁମଣି ମେହେର ବିବରଣୀ ପାଠ କରିଥିଲେ । ଉଦ୍‌ଯାପନୀ ଉତ୍ସବରେ ପାଟଣାଗଡ଼ ବିଧାୟକ ସରୋଜ କୁମାର ମେହେର ମୁଖ୍ୟ ଅତିଥି ଓ ଜିଲ୍ଲା ପରିଷଦ ସଭ୍ୟା ବାଳିକା ମାଝୀ ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ରଘୁମଣି ମେହେରଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଦେବକାନ୍ତ ମେହେର ମଞ୍ଚ ପରିଚାଳନା କରିଥିବା ବେଳେ ଶିକ୍ଷକ ଶରତ ନାଗ ମଧ ଭାଷଣ ଦେଇଥିଲେ । ଉତ୍ସବ ଆୟୋଜନରେ ଯୁବରାଜ ବନଗୁଲା, ମଧୁସ୍ମିତା ବେହେରା, ପିଙ୍କି ମେହେର, କୁମୁଦିନୀ ଧରୁଆ, ମନୋରମା ଦାସ ଓ କମିଟିର ସଭ୍ୟ ସଭ୍ୟାମାନେ ସହଯୋଗ କରିଥିଲେ ।

# ଅପ୍ପ ଦୀପୋ ଭବ

**ଭ**ଗବାନ ବୁଦ୍ଧଙ୍କ ଅନ୍ତିମ ସମୟ ପାଖେଇ ଆସିଥିଲା, ତାଙ୍କର ସବୁଠାରୁ ନିକଟ ଓ ଅନନ୍ୟ ଶିଷ୍ୟ ଆନନ୍ଦ, ଭଗବାନ ସବୁ ଦିନ ପାଇଁ ଛାଡ଼ି ଚାଲିଯିବେ ଭାବି ବହୁତ ବିଚଳିତ ଥିଲେ । ଏଣୁ ଆନନ୍ଦଙ୍କ ଅସ୍ତିତ୍ୱକୁ ମନ୍ଥନ କରୁଥିବା ଆର୍ତ୍ତ ପ୍ରଶ୍ନ ଥିଲା ଯେ ନିଜର ଭଗବାନଙ୍କ ବିନା ସେ ରହି ପାରିବେ କିପରି ? ଏହା ତ ନିଜର ସର୍ବସ୍ୱ ହରାଇ ଅନାଥ ହେବା ପରି ସ୍ଥିତି ଥିଲା । ଭଗବାନ ବୁଦ୍ଧ ଆନନ୍ଦ ଓ ଅନ୍ୟ ନିକଟସ୍ଥ ଶିଷ୍ୟମାନଙ୍କର ମନଃସ୍ଥିତିକୁ ବୁଝୁଥିଲେ ଏବଂ ସେ ଏହାର କାଳଜୟୀ ସମାଧାନ ଦେଇ କହିଲେ– ' ଅପ୍ପ ଦୀପୋ ଭବ' ଅର୍ଥାତ୍ ନିଜେ ନିଜର ଦୀପ ହୁଅ । ଏହି ସନ୍ଦେଶ ପାଇ ଆନନ୍ଦ କିଛି ଆଶ୍ୱସ୍ତ ହେଲେ, ତାଙ୍କ ଅନ୍ତର୍ପ୍ରଜ୍ଞାର ଚକ୍ଷୁ ଖୋଲିଗଲା ଓ ସେ ନିଜର ସାଧନାରେ ମଗ୍ନ ହୋଇଗଲେ । ଶ୍ରୀମଦ୍ ଭଗବଦ୍‌ଗୀତାରେ ଉଦ୍ଧରେ ଦାତ୍ମନାତ୍ମାନଂ.....ଶ୍ଳୋକ ରୂପେ ଏହି ସନ୍ଦେଶ ଭଗବାନ ଶ୍ରୀକୃଷ୍ଣ ବିଷାଦଗ୍ରସ୍ତ ଅର୍ଜୁନଙ୍କୁ ଦେଇଥିଲେ ଏବଂ ସ୍ୱୟଂ ନିଜର ଉଦ୍ଧାର କରିବା କଥା କହିଥିଲେ ତଥା ମନ ପରି ଚଞ୍ଚଳ ଓ ଅସ୍ଥିର ସ୍ୱଭାବର ତତ୍ତ୍ୱକୁ ଅଭ୍ୟାସ ଏବଂ ବୈରାଗ୍ୟର ସହିତ ସାଧିବାର ମାର୍ଗଦର୍ଶନ ଦେଇଥିଲେ । ଏହା ପ୍ରକାରାନ୍ତରରେ ବ୍ୟକ୍ତିର ସାଧନାତ୍ମକ ପୁରୁଷାର୍ଥର ମହତ୍ତ୍ୱକୁ ହିଁ ଇଙ୍ଗିତ କରିଥାଏ ।

କେହି ଜଣେ ବହୁତ ଠିକ୍ କହିଛନ୍ତି ଯେ ବ୍ୟକ୍ତି ସ୍ୱୟଂ କଟିବଦ୍ଧ ହୋଇ ନିଜର ଉଦ୍ଧାର ପାଇଁ ପ୍ରୟାସ ନ କରିବା ପର୍ଯ୍ୟନ୍ତ କୋଟି କୋଟି ବୁଦ୍ଧ, ଯିଶୁ ଓ ଭଗବାନଙ୍କ ଅବତାର ମଧ କିଛି କରି ପାରିବେ ନାହିଁ । ଦେବୀ – ଦେବତା ବା କଳ୍ପିତ ଭଗବାନ କେବେ ପ୍ରସନ୍ନ ହେବେ ଓ କେବେ ଆଶୀର୍ବାଦ ଦେବେ, ମନ୍ତ୍ରଗୁଡ଼ିକର ଚମତ୍କାର କେବେ ଫଳିତ ହେବ, କିଛି କହି ହେବ ନାହିଁ, କିନ୍ତୁ ଜୀବନ ଦେବତା, ଆତ୍ମଦେବଙ୍କ ସାଧନାର ଫଳ ପ୍ରତ୍ୟକ୍ଷ । ଏହାର ସାଧନାର ଫଳ ତତ୍କାଳ ମିଳିଥାଏ ।

ସ୍ୱାମୀ ବିବେକାନନ୍ଦ ଏହି ବ୍ୟାବହାରିକ ଅଧ୍ୟାତ୍ମର ପ୍ରତିପାଦନ କରି ସାଧକମାନଙ୍କୁ ଦିଶାବୋଧ ପ୍ରଦାନ ପୂର୍ବକ ଗୀତା ପଢ଼ିବା ଅପେକ୍ଷା ଫୁଟବଲ ଖେଳି ବାକୁ ଗୁରୁତ୍ୱ ଦେଉଥିଲେ । ସେ କହୁଥିଲେ ଯେ ଜଣେ ବେମାର ବ୍ୟକ୍ତି ଅଧ୍ୟାତ୍ମର ସୂକ୍ଷ୍ମତାକୁ କିପରି ବୁଝି ପାରିବ । ସେ ପ୍ରଥମେ ଏକ ସବଳ ଶରୀର ଓ ପୁଷ୍ଟ ମାଂସପେଶୀର ବିକାଶ ପାଇଁ ଯୁବାମାନଙ୍କୁ ପ୍ରେରିତ କରୁଥିଲେ, ନିଜ ଗୋଡ଼ରେ ନିଜେ ଠିଆ ହେବାର ଓ ଚରିତ୍ର ଗଠନର କଥା କହୁଥିଲେ । ଜଣେ ନୀରୋଗ ଓ ସୁସ୍ଥ ବ୍ୟକ୍ତି ଗୀତାକୁ ଅଧିକ ଉତ୍ତମ ରୂପେ ବୁଝି ପାରିବା କଥା ସେ ମାନୁଥିଲେ । ଏହା ସହିତ ସ୍ୱାମୀଜୀ କହୁଥିଲେ ଯେ ବ୍ୟକ୍ତି ସ୍ୱୟଂ ଭିତରୁ ଆଧ୍ୟାତ୍ମିକ ହେବାକୁ ପଡ଼ିବ, ଅନ୍ୟ କେହି ଆପଣଙ୍କୁ ଆଧ୍ୟାତ୍ମିକ କରି ପାରିବେ ନାହିଁ । ସେ କହୁଥିଲେ ଯେ ଅନ୍ତଃପ୍ରେରିତ ହୋଇ ନିଜର ଜୀବନରେ ଅଭ୍ୟୁଦୟ ପାଇବା ପାଇଁ ନିଜର ଉ ାନ କରିବା ସହିତ ପରମ ଲକ୍ଷ୍ୟ ଦିଗରେ ବଢ଼ିବାକୁ ହେବ । ଯଦ୍ୟପି ଅଧ୍ୟାତ୍ମ ପଥରେ ଗୁରୁଙ୍କର ନିଜର ମହତ୍ତ୍ୱ ରହିଛି, କିନ୍ତୁ ଶେଷରେ ଶିଷ୍ୟକୁ ନିଜର ଯାତ୍ରା ସ୍ୱୟଂ ସମ୍ପନ୍ନ କରିବାକୁ ହୋଇଥାଏ, ନିଜ କର୍ମର ଭୋଗ ସ୍ୱୟଂ ପୂର୍ଣ୍ଣ କରିବାକୁ ହୋଇଥାଏ, ନିଜର ପ୍ରାରବ୍ଧଜନିତ କର୍ମ ଓ ସଂସ୍କାରଗୁଡ଼ିକର ବନ୍ଧନକୁ ସ୍ୱୟଂ ଭାଙ୍ଗିବାକୁ ହୋଇଥାଏ । ଗୁରୁ ଏକ ସମ୍ବଳ, ଏକ ମାର୍ଗଦର୍ଶନ ଓ ପ୍ରେରଣା ରୂପେ ପଥରେ ରହିଥାନ୍ତି । କେହି ଯଦି ଚିନ୍ତା କରୁଥାଏ ଯେ ତାଙ୍କ କାନ୍ଧରେ ଚଢ଼ି ଅଧ୍ୟାତ୍ମ ପଥ, ଜୀବନର ବୈତରଣୀକୁ ଆମେ ପାର କରିନେବୁ ତ ତାହା ଏକ ଭୁଲ ସିଦ୍ଧ ହୋଇଥାଏ । ଭଗବାନ ବୁଦ୍ଧଙ୍କ 'ଅପ୍ପ ଦୀପୋ ଭବ'ର ଅନ୍ତିମ ସନ୍ଦେଶରେ ଆଧ୍ୟାତ୍ମିକ ଜୀବନର ଏହି ପରମ ସତ୍ୟର ଭାବ ନିହିତ, ଯାହାର ଆଧାରରେ ପ୍ରତ୍ୟେକ ନୈଷ୍ଠିକ ସାଧକ ନିଜର ପ୍ରଚଣ୍ଡ ପୁରୁଷାର୍ଥ ବଳରେ ନିଜର ନିୟତିକୁ ଗଢ଼ିଥାଏ, ବର୍ତ୍ତମାନର ପ୍ରତ୍ୟେକ କ୍ଷଣର ସଦୁପଯୋଗ କରି ନିଜର ଭବିଷ୍ୟକୁ ସମ୍ଭାଳିଥାଏ । ଏହା ହିଁ ଜୀବନର ରାଜମାର୍ଗ ।

# ଗୁରୁକୃପା ଦ୍ୱାରା ଭଗବଦ୍ ଦର୍ଶନ ହୋଇଥାଏ

ଯଦି ସଦ୍‌ଗୁରୁଙ୍କର କୃପା ହୋଇଯାଏ ତ ସାଧକର ଜୀବନ ଅଧ୍ୟାତ୍ମର ଅଲୌକିକ ସୁଗନ୍ଧରେ ପରିପୂର୍ଣ୍ଣ ହୋଇ ମହକି ଉଠେ । ଶିଷ୍ୟର ଅନ୍ତରରେ ଅଲୌକିକ ଆନନ୍ଦ ଉଦ୍‌ବେଳିତ ହୁଏ । ଏହା ସହିତ ଗୁରୁକୃପାରୁ ତା' ପାଇଁ ଭଗବତ୍ ପ୍ରାପ୍ତି, ଭଗବଦ୍ ଦର୍ଶନର ଦ୍ୱାର ମଧ୍ୟ ସହଜରେ ଖୋଲିଯାଏ, କିନ୍ତୁ ହଁ! ସଦ୍‌ଗୁରୁଙ୍କ କୃପା ପାଇବା ପାଇଁ ଶିଷ୍ୟକୁ ଶିଷ୍ୟତ୍ୱ ଓ ସାଧନାର କଷଟିରେ ମଧ୍ୟ ଶତ ପ୍ରତିଶତ ଶୁଦ୍ଧ ପ୍ରମାଣିତ ହେବାକୁ ପଡ଼ିଥାଏ । ଏକନାଥ ମଧ୍ୟ ସେହି ଶିଷ୍ୟମାନଙ୍କ ମଧ୍ୟରୁ ଜଣେ ଥିଲେ, ଯିଏ ସାଧନା ଓ ଶିଷ୍ୟତ୍ୱର କଷଟିରେ ଶୁଦ୍ଧ ପ୍ରମାଣିତ ହୋଇ ଗୁରୁକୃପାର ପାତ୍ର ହେଲେ ଏବଂ ଭଗବଦ୍ ଦର୍ଶନ କରି ପାରିଲେ ।

ଏପରି ସଦ୍‌ଗୁରୁ ଓ ଶିଷ୍ୟ ବିରଳ ହୋଇଥାନ୍ତି । ସତ କଥା ହେଲା ଏକନାଥଙ୍କ ପରି ଦିବ୍ୟ ଆତ୍ମାମାନେ ଦିବ୍ୟତା, ପବିତ୍ରତା ଓ ଭଗବଦ୍‌ଭକ୍ତି କୁଳ-ପରିବାରରେ ହିଁ ଜନ୍ମ ନିଅନ୍ତି । ସନ୍ଥ ଏକନାଥଙ୍କ ଜନ୍ମ ବଡ଼ ଦିବ୍ୟ, ପବିତ୍ର ଓ ଭଗବତ୍ ପରାୟଣ ପରିବାରରେ ହୋଇଥିଲା । ପୂର୍ବଜନ୍ମରେ କରାଯାଇଥିବା ଭଗବତ୍ ଉପାସନାର ପ୍ରବଳ ସଂସ୍କାରର ଫଳସ୍ୱରୂପ ପିଲାଦିନରୁ ହିଁ ତାଙ୍କ ହୃଦୟରେ ଭଗବତ୍ ପ୍ରେମ ଉଦ୍‌ବେଳିତ ହେଉଥିଲା । ଏଭଳି ସଦ୍‌ଭକ୍ତଙ୍କୁ ସନ୍ମାର୍ଗ ଦେଖାଇବା ପାଇଁ ପ୍ରଭୁ ତାଙ୍କୁ କୌଣସି ବ୍ରହ୍ମନିଷ୍ଠ ଗୁରୁଙ୍କ ପ୍ରାପ୍ତିର ମଧୁର ସୁଯୋଗ ଅବଶ୍ୟ ଉପଲବ୍ଧ କରାନ୍ତି ।

ବଡ଼ ହେବା ପରେ ପ୍ରଭୁକୃପାରୁ ହିଁ ସନ୍ଥ ଏକନାଥଙ୍କୁ ଜନାର୍ଦ୍ଦନ ସ୍ୱାମୀଙ୍କ ପରି ବ୍ରହ୍ମନିଷ୍ଠ ଗୁରୁଙ୍କ ଦିବ୍ୟ ସାନ୍ନିଧ୍ୟ ପ୍ରାପ୍ତ ହେଲା । ଗୁରୁଙ୍କ ମାର୍ଗଦର୍ଶନରେ ସାଧନା କରି ତାଙ୍କର ଭଗବତ୍ ପ୍ରୀତି ଆହୁରି ପ୍ରଗାଢ଼ ହୋଇଗଲା । ସନ୍ଧ୍ୟାବନ୍ଦନ ସେ କେବେହେଲେ ବନ୍ଦ କରୁ ନ ଥିଲେ । ପ୍ରାତଃ କାଳ-ସନ୍ଧ୍ୟା କାଳରେ ଭଗବତ୍ ଉପାସନା, ଭଗବଦ୍ ଧ୍ୟାନ, ମଧ୍ୟାହ୍ନରେ ପୁନଃ ସନ୍ଧ୍ୟାବନ୍ଦନ, ସ୍ତୋତ୍ର ପାଠ, ଦେବ ପୂଜନ, ଗୁରୁପୂଜନ, ବନ୍ଦନ ଆଦି ସେ ନିତ୍ୟ ନିୟମପୂର୍ବକ କରୁଥିଲେ ।

ଭଗବଦ୍ ଉପାସନାରେ ତାଙ୍କର ନିୟମିତତା ଓ ଶୁଚିତା ଦେଖି ଲୋକେ ଆଶ୍ଚର୍ଯ୍ୟ ହୋଇଯାଉଥିଲେ । ପୂର୍ଣ୍ଣିମା ରାତିରେ ଚନ୍ଦ୍ରପ୍ରଭା ଯେପରି ଆକାଶରେ ସର୍ବତ୍ର ବ୍ୟାପିଯାଏ, ସେହିପରି ଏକନାଥଙ୍କ ଭଗବତ୍ ପ୍ରେମ ପୂର୍ଣ୍ଣିମାର ଚନ୍ଦ୍ରପ୍ରଭା ପରି ତାଙ୍କ ହୃଦୟରେ ବ୍ୟାପିବାରେ ଲାଗିଥିଲା ।

ଗୁରୁଙ୍କ ନିର୍ଦ୍ଦେଶରେ ସେ ନିତ୍ୟ ଭଗବଦ୍ ଉପାସନା, ଭଗବଦ୍ ଧ୍ୟାନ ସାଙ୍ଗକୁ ରାମାୟଣ, ମହାଭାରତ, ପୁରାଣ ଆଦି ଗ୍ରନ୍ଥ ଗୁଡ଼ିକର ନିତ୍ୟ ସ୍ୱାଧ୍ୟାୟ କରୁଥିଲେ । ଏକନାଥଙ୍କ ଗୁରୁ ଶ୍ରୀ ଜନାର୍ଦ୍ଦନ ସ୍ୱାମୀ ଗୁରୁ ଦତ୍ତାତ୍ରେୟଙ୍କ ଉପାସକ ଥିଲେ ଏବଂ ଉପାସ୍ୟ ଦେବଙ୍କ ସଗୁଣ ରୂପରେ ଦର୍ଶନ ତାଙ୍କୁ ପ୍ରତ୍ୟକ୍ଷ ରୂପେ ମିଳୁଥିଲା । ଏହିପରି ଜନାର୍ଦ୍ଦନ ସ୍ୱାମୀଙ୍କୁ ନିତ୍ୟ ଶ୍ରୀଦତ୍ତ ଭଗବାନଙ୍କର ଦର୍ଶନ ହେଉଥିଲା । ନିଜର ଶିଷ୍ୟ ଏକନାଥଙ୍କ ସଚ୍ଚା ଗୁରୁଭକ୍ତି ଓ ଭଗବଦ୍ ଭକ୍ତିରେ ପ୍ରସନ୍ନ ହୋଇ ଜନାର୍ଦ୍ଦନ ସ୍ୱାମୀ ତାଙ୍କୁ ମଧ୍ୟ ଶ୍ରୀଦତ୍ତ ଭଗବାନଙ୍କ ଦର୍ଶନ ପାଇବାର ସୁଯୋଗ ପ୍ରଦାନ କରିବା ପାଇଁ ସଂକଳ୍ପ ନେଲେ ।

ଏକନାଥ ଲଗାଏତ ଛଅ ବର୍ଷ ପର୍ଯ୍ୟନ୍ତ ବଡ଼ ଭକ୍ତିଭାବର ସହିତ ଜନାର୍ଦ୍ଦନ ସ୍ୱାମୀଙ୍କର ଅପୂର୍ବ ସେବା କଲେ । ଏଣୁ ସେ ତାଙ୍କ ଅନୁଗ୍ରହର ପୂର୍ଣ୍ଣ ପାତ୍ର ହେଲେ । ସେ ସବୁ ପ୍ରକାରେ ନିଜ ଗୁରୁଙ୍କର ସେବା କରୁଥିଲେ । ଜନାର୍ଦ୍ଦନ ସ୍ୱାମୀ ସମାଧି ଅବସ୍ଥାରେ ହୋଇ ବାହାରର ରହୁଥିବା ବେଳେ ଏକନାଥ ଦ୍ୱାର ଆଗରେ ଠିଆ ସମସ୍ତ ବାଧାର ନିବାରଣ କରୁଥିଲେ । ଗୁରୁ ଗୃହରେ ଅନେକ ଆଶ୍ରିତ, ଚାକର, ସେବକ ଆଦି ଥିଲେ, କିନ୍ତୁ ଏକନାଥ ସେମାନଙ୍କୁ ଅପେକ୍ଷା ନ କରି ସ୍ୱୟଂ ବଡ଼ ପ୍ରେମ ଓ ଉତ୍ସାହରେ ତନୁ-ମନ ଲଗାଇ ଗୁରୁଙ୍କର ପରିଚର୍ଚ୍ଚା, ସେବା କରୁଥିଲେ ।

ସେ ଈଶ୍ୱରଙ୍କୁ ପ୍ରାର୍ଥନା କରୁଥିଲେ- ହେ ପ୍ରଭୁ! ଗୁରୁସେବା କରିବା ପାଇଁ ମୋତେ ଏତେ ସାମର୍ଥ୍ୟ ଦିଅନ୍ତୁ, ଯଦ୍ୱାରା ସବୁ ଚାକର, ସେବକଙ୍କ କାମ ମୁଁ ଏକାକୀ କରି ପାରିବି । ସେ ନିଜର ଭୋକ-ଶୋଷ ଭୁଲିଯାଇ ସର୍ବଦା ଗୁରୁସେବାରେ ତତ୍ପର ରହୁଥିଲେ । ତାଙ୍କ ପାଇଁ ତ ଗୁରୁସେବା ହିଁ ସର୍ବୋପରି ଥିଲା । ଗୁରୁଙ୍କ ସନ୍ତୋଷ ହିଁ ତାଙ୍କର ସନ୍ତୋଷ ଥିଲା । ଗୁରୁ କହିଥିବା ପ୍ରତ୍ୟେକ ଶବ୍ଦ ତାଙ୍କ ପାଇଁ ଶାସ୍ତ୍ର ଥିଲା । ଗୁରୁଙ୍କ ମୂର୍ତ୍ତି ହିଁ ତାଙ୍କ ପାଇଁ ପରମାତ୍ମାଙ୍କ ମୂର୍ତ୍ତି ଥିଲା । ଗୁରୁଙ୍କ ପାବନ ଆଶ୍ରମ ହିଁ ତାଙ୍କର ଘର ଥିଲା, ତାଙ୍କର ସ୍ୱର୍ଗ ଥିଲା । ତାଙ୍କର ଭାବନା ଏପରି ଥିଲା ଓ ଏହିପରି ପରମ ଶୁଦ୍ଧ ଭାବନାରେ ସେ ନିଜ ଗୁରୁଙ୍କର ଅଖଣ୍ଡ ସେବା କରୁଥିଲେ । ଗୁରୁସେବାରେ ସେ ଏତେ ତଲ୍ଲୀନ ହୋଇ ଯାଉଥିଲେ ଯେ ନିଜ ଦେହର ବି ସ୍ମରଣ ତାଙ୍କର ରହୁ ନ ଥିଲା ।

ଏହିପରି ଗୁରୁଙ୍କ ସେବା କରୁ କରୁ ଏକନାଥଙ୍କ ସଂସ୍କାର ଧୋଇ ହୋଇଗଲା, ଚିତ୍ତ ନିର୍ମଳ ହୋଇଗଲା, ରାଗ-ଦ୍ୱେଷ ଆଦି ରିପୁ ଶରୀର ଛାଡ଼ି ଚାଲିଗଲା, ଇନ୍ଦ୍ରିୟ ବାସନା ରହିତ ହୋଇଗଲା, କାୟା ତେଜୋମୟ ହୋଇଗଲା, ଅନ୍ତରରେ ଅବତରିତ ହୋଇଥିବା ପ୍ରଭୁଙ୍କ ପ୍ରକାଶ ପୁଞ୍ଜ ତାଙ୍କ ରୋମ ରୋମରେ ପ୍ରକଟ ହେଲା । ଏହି ପ୍ରକାର କରାଯାଇଥିବା ଗୁରୁସେବା-ଗୁରୁଭକ୍ତି ଦ୍ୱାରା ତାଙ୍କର ଚିତ୍ତଶୁଦ୍ଧି ହେଲା ଏବଂ ସେ ଗୁରୁକୃପାର ଅଧିକାରୀ ହେଲେ ।

ଏଭଳି ଶିଷ୍ୟବୃତ୍ତିର ସହିତ ସେ ଗୁରୁମୁଖରୁ ଜ୍ଞାନେଶ୍ୱରୀ, ଅମୃତାନୁଭବ ଓ ଶ୍ରୀମଦ୍‌ଭାଗବତ ଆଦି ଗ୍ରନ୍ଥ ଶୁଣିଲେ ଏବଂ ତଦ୍ୱାରା ତାଙ୍କର ଆତ୍ମବୋଧ ଜାଗ୍ରତ ହେଲା । ସେହି ଆତ୍ମଜାଗୃତି, ଆତ୍ମବୋଧର ଅବସ୍ଥାରେ ଏକନାଥ କହିଲେ ଯେ ଭବସାଗରରୁ ପାର ହେବା ପାଇଁ ଗୁରୁସେବା, ଗୁରୁଭଜନ ମୁଖ୍ୟ ସାଧନ । ଗୁରୁ ହିଁ ମାତାପିତା ଓ ଗୁରୁ ହିଁ ଦେବତା । ଶରୀର, ମନ, ବାଣୀ ଓ ପ୍ରାଣରେ ଗୁରୁଙ୍କର ଅନନ୍ୟ ଧ୍ୟାନ ହିଁ ଗୁରୁଭକ୍ତି । ମୁଖରେ ସଦ୍‌ଗୁରୁଙ୍କ ନାଁ ରହୁ, ହୃଦୟରେ ସଦ୍‌ଗୁରୁଙ୍କ ପ୍ରେମ ରହୁ ଏବଂ ଦେହରେ ଅହର୍ନିଶ ସଦ୍‌ଗୁରୁଙ୍କର କାର୍ଯ୍ୟ ହେଉ– ଏହା ହିଁ ଗୁରୁଭକ୍ତି । ଗୁରୁସେବାରେ ଏଭଳି ମନ ଲାଗୁ ଯେ ଶିଷ୍ୟ ପତ୍ନୀ, ପୁତ୍ର, ଧନକୁ ମଧ୍ୟ ଭୁଲିଯାଉ, ନିଜର ମନକୁ ବି ଭୁଲିଯାଉ ଏବଂ ମୁଁ କିଏ ବୋଲି ଧ୍ୟାନ ନ ରହୁ– ଏହାକୁ ସଚ୍ଚା ଗୁରୁଭକ୍ତି କୁହାଯାଏ । ଗୁରୁ ହିଁ ଭଗବାନ, ଗୁରୁ ହିଁ ପରବ୍ରହ୍ମ ଓ ଗୁରୁ ଭଜନ ହିଁ ଭଗବଦ୍ ଭଜନ । ଗୁରୁ ହିଁ ଭଗବାନ, ଦୁହେଁ ଏକ ହିଁ ଅଟନ୍ତି ।

ଏହିପରି ସଦ୍‌ଗୁରୁ ଓ ପରମାତ୍ମାଙ୍କୁ ପରସ୍ପର ଠାରୁ ଅଭିନ୍ନ ଜାଣି ଏକନାଥ ପରମ ନିଷ୍ଠାରେ ଛଅ ବର୍ଷ ପର୍ଯ୍ୟନ୍ତ ଗୁରୁସେବା କରି କରି ନିଜର ପୃଥକ୍ ଅସ୍ତିତ୍ୱ ହିଁ ଭୁଲି ଗଲେ । ଏକନାଥଙ୍କର ଏପରି ଗୁରୁଭକ୍ତି ଦେଖି ଜନାର୍ଦ୍ଦନ ସ୍ୱାମୀ ତାଙ୍କୁ ଶ୍ରୀଦତ୍ତ ଭଗବାନଙ୍କ ଦର୍ଶନ କରାଇବାର ସଂକଳ୍ପ ନେଲେ ଓ ଶେଷରେ ସେହି ମଧୁର-ମନୋହର କ୍ଷଣ ଆସିଗଲା, ଯେତେବେଳେ ଏକନାଥ ନିଜର ଗୁରୁ ଜନାର୍ଦ୍ଦନଙ୍କ ଶରଣରେ ଯାଇ, ଆତ୍ମଦୃଷ୍ଟି ପାଇ ପରବ୍ରହ୍ମ ଭଗବାନ ଦତ୍ତଙ୍କୁ ନିଜ ଆଖିଆରେ ଦେଖିଲେ ।

ସେହି ମଧୁର ପ୍ରସଙ୍ଗଟି କିଛି ଏହିପରି । ଜନାର୍ଦ୍ଦନ ସ୍ୱାମୀ ପ୍ରତିଦିନ ଯେଉଁଠି ସମାଧି ଲଗାଉଥିଲେ, ସେଠାରେ ଏକ ସୁରମ୍ୟ ସରୋବର ଥିଲା, ଯାହାର ଚାରିପାଖରେ ସୁଗନ୍ଧିତ ଓ ରଙ୍ଗବେରଙ୍ଗର ପ୍ରସ୍ଫୁଟିତ ପୁଷ୍ପ ଓ ଅନ୍ୟ ବୃକ୍ଷ ଶୋଭନ ଥିଲା । ସେହି ସ୍ଥାନ ଏତେ ନିର୍ଜନ ଥିଲା ଯେ ସେଠାରେ ମନୁଷ୍ୟମାନଙ୍କ ପଦଚାପ କେବେ ଶୁଣାଯାଉ ନ ଥିଲା । ସେହି ସ୍ମରଣୀୟ ନିର୍ଜନ ସ୍ଥାନ ସମାଧି ପାଇଁ ସର୍ବଥା ଉପଯୁକ୍ତ ଥିଲା । ସେଠାରେ ଆସନ ଲଗାଇ ଜନାର୍ଦ୍ଦନ ସ୍ୱାମୀ ନିତ୍ୟ ସମାଧିର ଆନନ୍ଦ ନେଉଥିଲେ । ଗୁରୁବାର ଦିନ ସାରା ତାଙ୍କର ସେଠାରେ ବିତୁଥିଲା । ସେଠାରେ ଏକନାଥଙ୍କୁ ଗୁରୁଙ୍କ ଦର୍ଶନ ଓ ବାର୍ତ୍ତାର ସୁଯୋଗ ପ୍ରାପ୍ତ ହେଉଥିଲା । ଏକନାଥଙ୍କୁ ବି ଶ୍ରୀଦତ୍ତ ଭଗବାନଙ୍କର ଦର୍ଶନ ପ୍ରାପ୍ତ ହେଉ ବୋଲି ଜନାର୍ଦ୍ଦନ ସ୍ୱାମୀଙ୍କର ଇଚ୍ଛା ହେଲା । ଏଣୁ ସେ ଏକନାଥଙ୍କୁ ବୁଝାଇ କହିଲେ ଯେ ଏଠାକୁ ଶ୍ରୀଦତ୍ତ ଭଗବାନଙ୍କ ବ୍ୟତୀତ ଆଉ କେହି ବି ଆସୁ ନାହାନ୍ତି ଏବଂ ଭଗବାନ ଯେଉଁ ବେଶରେ ଆସିଲେ ବି ତାଙ୍କୁ ଦେଖି ତୁମେ ବିଚଳିତ ହେବ ନାହିଁ ।

ଏହିପରି ଏକନାଥ ସେଠାରେ ଶ୍ରୀଦତ୍ତ ଭଗବାନଙ୍କ ବାଟକୁ ଚାହିଁ ରହିଲେ । ଜନାର୍ଦ୍ଦନ ସ୍ୱାମୀ ପୂଜା କରି ସାରିବା ପରେ ଶ୍ରୀଦତ୍ତ ଭଗବାନ ଫକିର ବେଶରେ ସେଠାରେ ପ୍ରକଟ ହୋଇଗଲେ । ତାଙ୍କର ସର୍ବାଙ୍ଗ ଚମଡ଼ାରେ ଆବୃତ ଥିଲା । ସାଙ୍ଗରେ ଶ୍ୱାନ ରୂପରେ କାମଧେନୁ ଥିଲେ । ଫକିର ରୂପୀ ଭଗବାନଙ୍କ ନେତ୍ର ଲାଲ-ଲାଲ ଥିଲା । ଏହି ଭୟାନକ ରୂପକୁ ଦେଖି ଏକନାଥ କିଛି ଚକିତ ହୋଇଗଲେ । ଜନାର୍ଦ୍ଦନ ସ୍ୱାମୀ ଓ ଶ୍ରୀଦତ୍ତ ଭଗବାନ ଆତ୍ମସୁଖର ବାର୍ତ୍ତାଳାପ କରିବାରେ ଲାଗିଲେ । ପୁଣି ଶ୍ରୀଦତ୍ତଙ୍କ ଆଦେଶରେ ଜନାର୍ଦ୍ଦନ ସ୍ୱାମୀ ସେହି କାମଧେନୁକୁ ଦୁହିଁ ଦୁଧ ବାହାର କଲେ ଓ ମାଟିର ଏକ ପାତ୍ରରେ ଉଭୟ ଯଥେଷ୍ଟ ଭୋଜନ କରି ନିଜର ଅଭିନ୍ନତା ଏକନାଥଙ୍କୁ ଦେଖାଇ ଦେଲେ ।

ଭୋଜନ ପରେ ସ୍ୱାମୀଜି ସେହି ପାତ୍ରଟି ଧୋଇଦେବା ପାଇଁ ଏକନାଥଙ୍କ ହାତକୁ ଦେଲେ । ଏକନାଥ ଜଳରେ ତାହାକୁ ଧୋଇଲେ, ସେହି ଧୁଆ ପାଣିକୁ 'ଏହା ପ୍ରସାଦ, ଏହା ଭାଗୀରଥୀ, ଏହା ସ୍ୱାନନ୍ଦବାସର ସାଧନ' କହି ବଡ଼ ଭକ୍ତି ସହକାରେ ପାନ କଲେ । ତାପରେ ଶ୍ରୀଦତ୍ତ ଏକନାଥଙ୍କୁ ପାଖକୁ ଡାକିଲେ । ଏକନାଥ ଏହାକୁ ପରମ ପ୍ରାପ୍ତିର ସମୟ ଜାଣି ଗୁରୁ ଓ ଶ୍ରୀଦତ୍ତ ଭଗବାନ ଉଭୟଙ୍କ ଚରଣରେ ପ୍ରଣାମ କଲେ ଏବଂ ହାତଯୋଡ଼ି ସାମନାରେ ଠିଆ ହୋଇଗଲେ । ସେ ଦେଖିଲେ, ଗୁରୁ ହିଁ ପରମଗୁରୁ ଓ ପରମଗୁରୁ ହିଁ ଗୁରୁ । ଏହି ଅଭେଦ ଭାବନା, ଅଭେଦ ସ୍ଥିତିକୁ ସେ ତଟସ୍ଥ ଭାବରେ ଚାହିଁ ରହିଲେ ।

ସେତେବେଳେ ଶ୍ରୀଦତ୍ତ ଭଗବାନ ଏକନାଥଙ୍କ ଆଡ଼କୁ ଚାହିଁଲେ ଓ ଜନାର୍ଦ୍ଦନ ସ୍ୱାମୀଙ୍କୁ କହିଲେ ଯେ ଇଏ ମହାଭାଗବତ ରୂପେ ଉତ୍ପନ୍ନ ହୋଇଛି । ତା' ଦ୍ୱାରା ଭାଗବତ ଧର୍ମର ପ୍ରଚାର ହେବ । ସହସ୍ର ମନୁଷ୍ୟଙ୍କୁ ସେ ଭକ୍ତି ପନ୍ଥରେ ଲଗାଇ ଦେବ ଓ ଜୀବୋଦ୍ଧାରକାରୀ ଉତ୍ତମ ଗ୍ରନ୍ଥର ରଚନା ବି କରିବ । ଏହା କହି ଶ୍ରୀଦତ୍ତ ଭଗବାନ ଏକନାଥଙ୍କୁ ଆଲିଙ୍ଗନ କଲେ । ଏହା ଦେଖି ଜନାର୍ଦ୍ଦନ ସ୍ୱାମୀ ପରମାନନ୍ଦ ହେଲେ ଏବଂ ଦତ୍ତ- ଜନାର୍ଦ୍ଦନ- ଏକନାଥ' ତିନିହେଁ ସମରସ ହୋଇଗଲେ । ପୁଣି ଏକନାଥଙ୍କୁ ଯେତେବେଳେ ଶ୍ରୀଦତ୍ତ ଭଗବାନ ନିଜ ଦିବ୍ୟ ରୂପର ଦର୍ଶନ କରାଇଲେ, ସେତେବେଳେ ଦତ୍ତ, ଜନାର୍ଦ୍ଦନ ତଥା ନିଜ ସହିତ ସକଳ ବିଶ୍ୱକୁ ସେ ଅଭେଦ ରୂପେ ଦେଖିଲେ । ସେହି ଅଲୌକିକ କ୍ଷଣର ବର୍ଣ୍ଣନ କରି ସନ୍ଥ ଏକନାଥ କହିଲେ– ''ମୁଁ ସର୍ବଦା ସେହି ଅଭେଦ ରୂପର, ସେହି ଗୋଟିଏର ଗୁଣଗାନ କରୁଛି, ସେହି ଗୋଟିଏର ଧ୍ୟାନ କରୁଛି, ତାହାକୁ ଅଗୁଣ ଦେଖୁଛି, ତାହାକୁ ସଗୁଣ ଦେଖୁଛି ଏବଂ ତାହାକୁ ଗୁଣାତୀତ ଦେଖୁଛି ।''

ଏହା ପରେ ଶ୍ରୀଦତ୍ତ ଭଗବାନ ଅନ୍ତର୍ଦ୍ଧାନ ହୋଇଗଲେ ଓ ଜନାର୍ଦ୍ଦନ ସ୍ୱାମୀ ନିଜ କାମରେ ଚାଲିଗଲେ । ଏକନାଥଙ୍କୁ ଶ୍ରୀଦତ୍ତଙ୍କ ଦର୍ଶନର ପରମ ଆନନ୍ଦ ମିଳିଲା । ତାଙ୍କର ଅନୁଭବ ହେଲା ଯେ ସଗୁଣ-ନିର୍ଗୁଣ ଉଭୟ ଏକ । ଦତ୍ତ ହିଁ ଶ୍ରୀକୃଷ୍ଣ, ସେ ହିଁ ବିଟ୍‌ଠଲ ଓ ସେ ହିଁ ରାମ । ଯେଉଁ ସ୍ୱରୂପରେ ତାଙ୍କର ଧ୍ୟାନ କରାଯାଏ ସେହି ରୂପରେ ସେ ପ୍ରକଟ ହୁଅନ୍ତି । ପୁଣି ଏକନାଥ ନିଜ ମୁଖରେ 'ଶ୍ରୀଦତ୍ତ-ଶ୍ରୀଦତ୍ତ' ଉଚ୍ଚାରଣ କରି, ଆନନ୍ଦରେ ନାଚି—ଗାଇ ଶ୍ରୀଦତ୍ତ ଭଗବାନଙ୍କର ପୂଜା କଲେ ଏବଂ ଏକନାଥ ଜନାର୍ଦ୍ଦନଙ୍କ ମଧ୍ୟରେ ଅର୍ଥାତ୍ ଜୀବ, ଶିବଙ୍କ ମଧ୍ୟରେ ଲୀନ ହୋଇ ମୁକ୍ତ ହୋଇଗଲେ ।

ଏହିପରି ସଚ୍ଚା ଭଗବଦ୍ ଭକ୍ତି, ଗୁରୁଭକ୍ତି, ଗୁରୁସେବା ଦ୍ୱାରା ସନ୍ଥ ଏକନାଥଙ୍କୁ ଭଗବତ୍ ପ୍ରାପ୍ତି ହେଲା । ସଚ୍ଚା ଗୁରୁଭକ୍ତି, ଭଗବଦ୍ ଭକ୍ତି ଦିନେ ଅବଶ୍ୟ ଫଳୀଭୂତ ହୋଇଥାଏ ଏବଂ ସାଧକକୁ କୃତାର୍ଥ କରିଦିଏ, ଏହା ନିଃସନ୍ଦେହ । ଗୁରୁକାର୍ଯ୍ୟରେ ତନୁ, ମନ, ଧନ ଦ୍ୱାରା ଲାଗି ରହିବା ହିଁ ବାସ୍ତବିକ ଗୁରୁସେବା, ଗୁରୁଭକ୍ତି ଏବଂ ଏପରି ଗୁରୁସେବା, ଗୁରୁଭକ୍ତି ଦ୍ୱାରା ସାଧକକୁ ଗୁରୁକୃପା ଅବଶ୍ୟ ପ୍ରାପ୍ତ ହୋଇଥାଏ ତଥା ଗୁରୁକୃପାରୁ ତାକୁ ଭୌତିକ ଓ ଆଧ୍ୟାତ୍ମିକ, ଉଭୟ ପ୍ରକାର ସୁଖ ପ୍ରାପ୍ତି ହୋଇଥାଏ । ଗୁରୁକୃପାରୁ ତା' ପାଇଁ ଭଗବଦ୍ ଦର୍ଶନ, ଭଗବତ୍ କୃପାର ଦ୍ୱାର ମଧ୍ୟ ସହଜରେ ଖୋଲିଯାଏ ।

## ଗୋଲମରିଚର ଔଷଧୀୟ ଗୁଣ



ଆୟୁର୍ବେଦ ବିଶେଷଜ୍ଞଙ୍କ ମତରେ ନିୟମିତ ଭାବେ ଗୋଲମରିଚ ନିଜ ବ୍ୟଞ୍ଜନରେ ସାମିଲ କରିବା ସହ ପାନୀୟରେ ମଧ୍ୟ ଏହା ମିଶ୍ରଣ କରିବା ଲାଭଜନକ । ଏହା ଶରୀରରେ ବିଭିନ୍ନ ଉତ୍ତମ ପ୍ରଭାବ ପକାଇଥାଏ ।

ଦୈନିକ ସକାଳବେଳା ୧ ଗିଲାସ ନଖଉଷୁମ ପାଣିରେ ଗୋଲମରିଚ ଗୁଣ୍ଡ ଅଧ ଚାମଚ ମିଶାଇ ପିଇଲେ ଶରୀରର ରୋଗ ପ୍ରତିରୋଧକ ଶକ୍ତି ବଢ଼ିଥାଏ । ଏହା ସହ ଗୋଲମରିଚ ମିଶା ଚା' ପିଇଲେ ପେଟସଫା ହେବା ସହ ସର୍ଦ୍ଦିରୁ ରକ୍ଷା ମିଳେ ।

ମେଦହ୍ରାସ କରିବାକୁ ଚାହୁଁଥିଲେ ପ୍ରତ୍ୟହ ଏହି ଗୋଲମରିଚ ମିଶା ପାଣି କିମ୍ବା ଚା' ସେବନ କରିବା ଲାଭଦାୟକ ।

ଏହି ଗୁଣ୍ଡ ମିଶ୍ରିତ ଚା' ପିଇଲେ ଶୀଘ୍ର ଥକ୍କା ଲାଗେ ନାହିଁ ବୋଲି ପରୀକ୍ଷାରୁ ପ୍ରମାଣିତ ।

## ଆଜିର ଚିନ୍ତନ

ଓଡ଼ିଆ ଭାଗବତରେ ଅତିବଡ଼ି ଜଗନ୍ନାଥ ଦାସ ସ୍ପଷ୍ଟ ରୂପେ ଲେଖିଛନ୍ତି, ମହୀ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ଆବଶ୍ୟ ମରଇ । ଜନ୍ମ ମାତ୍ରକେ ମୃତ୍ୟୁ ଅବଶ୍ୟମ୍ଭାବୀ । କେହି ମଧ୍ୟ ମୃତ୍ୟୁକୁ ଅଟକାଇ ପାରିବେ ନାହିଁ । ଦିନେ ଜଣେ ସ୍ତ୍ରୀ ଲୋକ କାନ୍ଦି କାନ୍ଦି ଗୌତମ ବୁଦ୍ଧଙ୍କ ନିକଟରେ ଆସି ପହଞ୍ଚିଲା । କାନ୍ଦିବାର କାରଣ ପଚାରନ୍ତେ, ସ୍ତ୍ରୀଲୋକଟି ଉତ୍ତର ଦେଲା, ହେ ମହାତ୍ମା ! ଗତ ରାତିରେ ବିଷାକ୍ତ ସାପଟିଏ ମୋ ଏକମାତ୍ର ପୁଅକୁ ଦଂଶନ କରିବା ଫଳରେ ତାର ମୃତ୍ୟୁ ହୋଇଯାଇଛି ଏବଂ ମୋର ପୂର୍ଣ୍ଣ ବିଶ୍ୱାସ ଆପଣ ମୋ ପୁଅକୁ ନିଶ୍ଚିତ ଜୀବିତ କରି ପାରିବେ । ବୁଦ୍ଧଦେବ ସବୁ ଶୁଣି ପ୍ରଶ୍ନ କଲେ, ଆଚ୍ଛା ମା, ତୁମେ କଣ ଜାଣି ନାହଁ, ଯିଏ ଏହି ସଂସାରରେ ଜନ୍ମ ନେଇଥାଏ, ତାର ମୃତ୍ୟୁ ବି ହୋଇଥାଏ । ସ୍ତ୍ରୀଲୋକଟି କହିଲା, ହଁ ମହାରାଜ ମୁଁ ଜାଣିଛି, କିନ୍ତୁ ଆପଣ ମୋତେ ଏଭଳି ଉପଦେଶ କାହିଁକି ଦେଉଛନ୍ତି ? ଯଦି ଆପଣ ଜୀବିତ କରି ପାରିବେ ନାହିଁ ତେବେ ମୋତେ ସିଧା କାହିଁକି କହୁ ନାହାନ୍ତି ? ଗୌତମ ଜାଣି ପାରିଲେ, ପୁତ୍ର ଶୋକରେ ସ୍ତ୍ରୀଲୋକଟି ସଂସାରର ନିୟମ ମଧ୍ୟ ଭୁଲି ଯାଇଛି, ତାକୁ ବୁଝାଇବା ଅସମ୍ଭବ । ସେ କହିଲେ, ଠିକ୍ ଅଛି, ତୁମ ପୁତ୍ରକୁ ଜୀବିତ କରିବା ପାଇଁ ମୁଁ ପ୍ରୟାସ କରୁଛି, କିନ୍ତୁ ଏଥିପାଇଁ ତୁମେ କିଛି କାର୍ଯ୍ୟ କରିବାକୁ ପଡ଼ିବ । ଏପରି ଏକ ଘରୁ କିଛି ସୋରିଷ ମୁଠାଏ ଆଣିବ, ଯେଉଁ ଘରେ କେହିବି କେବେ ମଧ୍ୟ ଦୁଃଖିତ ହୋଇ ନ ଥିବେ । ସ୍ତ୍ରୀଲୋକଟିର ମଉଳି ଯାଇଥିବା ମନଟି ହଠାତ୍ ପ୍ରାଣ ପାଇଗଲା । ବୁଦ୍ଧଦେବଙ୍କ କଥାନୁଯାୟୀ ବାହାରି ପଡ଼ିଲା, କିନ୍ତୁ କ୍ଷଣିକ ମଧ୍ୟରେ ପୁନର୍ବାର ତାର ସବୁ ଆଶା ଧୂଳିସାତ ହୋଇଗଲା । ସେ ଯେଉଁଠି ସୋରିଷ ମାଗିବାକୁ ଯାଏ, ସେ ଘରେ ଜଣେ ହେଉ ଅବା ଦୁଇ ଜଣ ନିଶ୍ଚିତ ରୂପେ ମୃତ୍ୟୁକୁ ପ୍ରାପ୍ତ ହୋଇଛନ୍ତି । ଏପରି କୌଣସି ଘର ନ ଥିଲା, ଯେଉଁ ଘରେ କେହି ମରି ନାହାନ୍ତି । ସେତେବେଳ କୁ ସ୍ତ୍ରୀଲୋକଟି ଜୀବନର ଚରମ ସତ୍ୟକୁ ଜାଣି ପାରିଥିଲା । ତା ପରଦିନ ଗୌତମ ବୁଦ୍ଧଙ୍କ ନିକଟରେ ପହଞ୍ଚି କହିଲା, ପ୍ରଭୁ ! ମୋର ପୁତ୍ର ମୋହରେ ଜୀବନର ବାସ୍ତବତାକୁ ଭୁଲି ଯାଇଥିଲି । କିନ୍ତୁ ଆଜି ମୋର ଆଖି ଫିଟି ଯାଇଛି । ଅନ୍ୟ ମାନଙ୍କ ପରି ମୁଁ ମଧ୍ୟ ଧୈର୍ଯ୍ୟ ଓ ସାହସର ସହ ଦାରୁଣ ଦୁଃଖର ସାମ୍ନା କରିବି ।


ସ୍ୱୀକାର
ବର୍ଷ ୨୭, ସଂଖ୍ୟା- ୮, ୧୯ - ୨୫ ଫେବୃଆରୀ ୨୦୨୩

# ଅନୁଶାସନ ଅପରାଧ ନୁହେଁ

ସରକାରୀ ସ୍ତରରେ ଯେଉଁଦିନ ଠାରୁ ବିଦ୍ୟାଳୟଗୁଡ଼ିକୁ ଦଣ୍ଡମୁକ୍ତ ଅଞ୍ଚଳ ଭାବେ ଘୋଷଣା କରି ନିୟମ ପ୍ରଣୟନ କରାଗଲା ଅନେକ ମାତାପିତା ଓ ଅଭିଭାବକ ଏଥିରେ କିଛିଟା ଖୁସିବ୍ୟକ୍ତ କରିଥିଲେ । ସେମାନଙ୍କ ପିଲାଙ୍କୁ ଆଉ ଏଥର ଶିକ୍ଷକମାନେ ମାରି ପାରିବେନି । ପିଲାମାନେ ଭୟ ତଥା ଚାପମୁକ୍ତ ହୋଇ ପାଠ ପଢିବାର ସୁଯୋଗ ଲାଭ କରିବେ ବୋଲି ସେମାନଙ୍କ ମନରେ ଏକପ୍ରକାର ଧାରଣା ମଧ୍ୟ ସୃଷ୍ଟି ହୋଇଥିଲା । ତେବେ ଆଉ କେତେଜଣ ମାତାପିତା ଓ ଅଭିଭାବକ ବି ଦଣ୍ଡପ୍ରଦାନ ସପକ୍ଷରେ ବା ବିପକ୍ଷରେ ସେମାନଙ୍କ ମତାମତ ଏଯାଏ ସ୍ପଷ୍ଟ କରିନାହାନ୍ତି । ସେ ଯାହାହେଉ ଏହି ନିୟମ ଏବେ ବି ବଳବତ୍ତର ରହିଛି ଓ ଅନେକ ବିଦ୍ୟାଳୟରେ ଏହାକୁ କଡ଼ା କଡ଼ି ଭାବେ କାର୍ଯ୍ୟକାରୀ କରାଯାଉଛି । ମାତ୍ର ଏସବୁ ଭିତରେ କିଛି ଶିକ୍ଷାନୁଷ୍ଠାନରେ ପିଲାମାନଙ୍କୁ ଶିକ୍ଷକ ଗାଳି କିମ୍ବା ଅପମାନିତ କରିବା ଅଥବା ମାଡ଼ ମାରୁଥିବା ଅଭିଯୋଗ ଆଗତ ହେଉଛି । ଶିକ୍ଷକ – ଅଭିଭାବକ ମୁହାଁମୁହିଁ ହେବା ଭଳି ପରିସ୍ଥିତି ସୃଷ୍ଟି ହେଉଛି ଆଉ ମାମଲା ଥାନା ଓ କୋର୍ଟକଚେରି ଯାଏ ଯାଉଥିବା ନଜିର ଦେଖିବାକୁ ମିଳୁଛି । ଏସବୁକ୍ଷେତ୍ରରେ ଜଣେ ଶିକ୍ଷକର ସମ୍ମାନହାନୀ ଘଟୁଛି । ସେ ଭୟଭୀତ ହୋଇପଡିବା ସହ ନିଜକୁ ଜଣେ ଅପରାଧୀ ବୋଲି ବିବେଚନା କରୁଛନ୍ତି । ଏହାଦ୍ୱାରା ଉଭୟ ପିଲା ଓ ତା'ର ମାତାପିତା ତଥା ଅଭିଭାବକଙ୍କ ପ୍ରତି ତାଙ୍କର ଆନ୍ତରିକତା କମିଯିବା ସହ ଖରାପ ଧାରଣା ସୃଷ୍ଟି ହେଉଛି । ଅନ୍ୟପକ୍ଷେ ବିଦ୍ୟାଳୟ ପରିବେଶକୁ ଶୃଙ୍ଖଳିତ ଓ ଶିକ୍ଷାଦାନ କାର୍ଯ୍ୟକୁ ଅବ୍ୟାହତ ରଖିବାରେ ଘୋର ଅସୁବିଧା ଦେଖାଯାଉଛି । ପିଲାଟିଏ ବିଦ୍ୟାଳୟରେ ଦିନର ଅଧିକାଂଶ ସମୟ ରହୁଥିବାରୁ ତା'ର ଗତିବିଧି ଓ ଆଚରଣ ଉପରେ ଦୃଷ୍ଟି ରଖିବା ତଥା ତାକୁ ମାର୍ଜିତ ଓ ଶୃଙ୍ଖଳିତ କରିବାର ଦାୟିତ୍ୱ ହେଉଛି ଜଣେ ଶିକ୍ଷକଙ୍କର । ମାତ୍ର ବୟସଗତ ଅପରିପକ୍ୱତା କାରଣରୁ ସେ ଯେବେ କିଛି ଭୁଲ୍ କରିବସେ ତେବେ ତାକୁ ବାଟକୁ ଆଣିବାକୁ କିଛିଟା ଅନୁଶାସନର ଆବଶ୍ୟକତା ରହିଛି । ନ ହେଲେ ଏହାର ଅଭାବରେ ପିଲାଟିର ଆଚରଣରେ କିଛିଟା ଅସ୍ୱାଭାବିକତା ଦେଖାଦେବା ସ୍ୱାଭାବିକ । ତା'ର ଦୁଷ୍ଟାମି ବଢିଯିବ । ଶିକ୍ଷକଙ୍କ କଥା ବା ନିର୍ଦ୍ଦେଶକୁ ସେ ହେୟଜ୍ଞାନ ମନେକରିବ । ଏବେ ବୋଧେ ଏସବୁ ଘଟଣା ପ୍ରାୟତଃ ସବୁ ବିଦ୍ୟାଳୟରେ ଦେଖିବାକୁ ମିଳୁଛି । ଉତ୍ତମ ଶିକ୍ଷାଦାନ ସହିତ ଶୃଙ୍ଖଳିତ, ସଂଯମୀ ଓ ସଚ୍ଚରିତ୍ରବାନ୍ ହେବାର ସମସ୍ତ କଳାକୌଶଳ ବିଦ୍ୟାଳୟରେ ହିଁ ଶିକ୍ଷା ଦିଆଯାଇଥାଏ । ଏହିଠାରେ ହିଁ ପିଲାଏ ସେମାନଙ୍କ ଭବିଷ୍ୟତ ନିର୍ମାଣର ସୁରକ୍ଷିତ ଓ ସୁଚିନ୍ତିତ ମାର୍ଗଦର୍ଶନ ପାଇଥା'ନ୍ତି । ଶିକ୍ଷକମାନେ ପିଲାଙ୍କ ଭିତରେ ଥିବା କୁଅଭ୍ୟାସ ଓ କୁପ୍ରବୃତ୍ତିକୁ ଦୂର କରି ସେମାନଙ୍କୁ ସୁନାଗରିକ ଭାବେ ଗଢ଼ିତୋଳିବାର ଦାୟିତ୍ୱ ନିର୍ବାହ କରିଥା'ନ୍ତି । ମୋଟ ଉପରେ ଭଲ ମଣିଷ ତିଆରି ହେବାର ପ୍ରକୃଷ୍ଟ ସ୍ଥାନ ହେଉଛି ବିଦ୍ୟାଳୟ ଏକଥା ଭୁଲିଯିବା ଉଚିତ ନୁହେଁ । ଶିକ୍ଷକମାନଙ୍କ ସ୍ନେହ ଶ୍ରଦ୍ଧା ଓ ଆଦରଯୁକ୍ତ ଆଚରଣ ପିଲାଙ୍କୁ ବେଶ୍ ପ୍ରଭାବିତ କରିବା ସହ ଭଲ ବାଟରେ ଚାଲିବାକୁ ପ୍ରେରଣା ଦେଇଥାଏ । ତେବେ ସବୁ ପିଲା ତ ସମାନ ନୁହନ୍ତି । କେତେକ କ୍ଷେତ୍ରରେ ଆବଶ୍ୟକ ଅନୁଶାସନ ଓ ଆକଟ ବ୍ୟତିରେକ ଏଭଳି ପିଲାଙ୍କୁ ମାର୍ଜିତ ଓ ଶୃଙ୍ଖଳିତ ଧାରାରେ ପକାଇବା ସମ୍ଭବପର ନୁହେଁ । ଏସବୁ କ୍ଷେତ୍ରରେ ମାତାପିତା ଓ ଅଭିଭାବକ କ୍ରୋଧିତ କି ବିବ୍ରତ ହେବା ସହିତ ଶିକ୍ଷକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ବଜାୟ କରିବା ଆଦୌ ଯୁକ୍ତିସଙ୍ଗତ ନୁହେଁ । ଏଥିପାଇଁ ସେମାନେ ସେମାନଙ୍କ ପାଠପଢ଼ା ବେଳର କଥାକୁ ସ୍ମରଣ କରି ନିଷ୍ପତ୍ତି ନେବାର ଆବଶ୍ୟକତା ରହିଛି ।

ଜଣେ ଶିକ୍ଷକ ବିଦ୍ୟାଳୟର ଶୃଙ୍ଖଳା ରକ୍ଷା ପାଇଁ ଜଣେ ଛାତ୍ରକୁ ଗାଳିଦେବା କିମ୍ବା କିଛି ଯୁକ୍ତିଯୁକ୍ତ ଦଣ୍ଡଦେବା ଏକ ଅପରାଧ ନୁହେଁ ବୋଲି ନିକଟରେ ବମ୍ବେ ହାଇକୋର୍ଟ ଗୋଆ, ବେଞ୍ଚ ରାୟ ଦେଇଛନ୍ତି । ଏଥିସହ ଦୁଇଜଣ ସ୍କୁଲପିଲାଙ୍କୁ ବାଡ଼ିରେ ବାଡ଼େଇବା ଅଭିଯୋଗରେ ଦିନକ ପାଇଁ ଜେଲ ଦଣ୍ଡ ଓ ୧ ଲକ୍ଷ ଟଙ୍କାର ଜରିମାନାରେ ଦଣ୍ଡିତ ହୋଇଥିବା ଜଣେ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକଙ୍କ ଦଣ୍ଡାଦେଶକୁ ଖାରଜ କରିଦେଇଛନ୍ତି କୋର୍ଟ । ଏକ ପ୍ରାଥମିକ ବିଦ୍ୟାଳୟରେ ଘଟିଥିବା ଏହି ଘଟଣା ସମ୍ପୂର୍ଣ୍ଣ ସ୍ୱାଭାବିକ । ଛାତ୍ରମାନଙ୍କୁ ଶୃଙ୍ଖଳିତ କରିବା ଓ ସେମାନଙ୍କ ମଧ୍ୟରେ ଭଲ ଅଭ୍ୟାସ ସୃଷ୍ଟି କରିବା ପାଇଁ ଶିକ୍ଷକ ସେହି ଅନୁସାରେ କାର୍ଯ୍ୟ କରିବାକୁ ବାଧ୍ୟ ବୋଲି ବମ୍ବେ ହାଇକୋର୍ଟ ଗୋଆ ବେଞ୍ଚର ଏକକ ବିଚାରପତି ଜଷ୍ଟିସ ଭାରତ ଦେଶ ପାଣ୍ଡେ ରାୟ ଦେଇଛନ୍ତି । ଛାତ୍ରମାନଙ୍କୁ କେବଳ ଶିକ୍ଷାଦାନ ଉଦ୍ଦେଶ୍ୟରେ ନୁହେଁ ବରଂ ଜୀବନର ଅନ୍ୟାନ୍ୟ ଦିଗ ଶିଖିବା ପାଇଁ ବିଦ୍ୟାଳୟରେ ଭର୍ତ୍ତି କରାଯାଏ । ଯେଉଁଥିରେ ଅନୁଶାସନ ଅନ୍ତର୍ଭୁକ୍ତ ବିଦ୍ୟାଳୟର ଉଦ୍ଦେଶ୍ୟ ମାତ୍ର ଶୈକ୍ଷିକ ବିଷୟ ଶିକ୍ଷା ଦେବା ନୁହେଁ ବରଂ ଜୀବନର ସମସ୍ତ ଦିଗରେ ଏହିପରି ଛାତ୍ରଛାତ୍ରୀମାନଙ୍କୁ ପ୍ରସ୍ତୁତ କରିବ ଯାହାଦ୍ୱାରା ଭବିଷ୍ୟତରେ ସେ ଜଣେ ଉପଯୁକ୍ତ ଓ ଆଦର୍ଶ ବ୍ୟକ୍ତି ହେବେ ଓ ଭଲ ଆଚରଣ ପ୍ରଦର୍ଶନ କରିବେ ବୋଲି ହାଇକୋର୍ଟ ଦର୍ଶାଇଛନ୍ତି । ଆଜିକାଲି କେବଳ ପ୍ରାଥମିକ କି ମାଧ୍ୟମିକ ବିଦ୍ୟାଳୟର ପିଲାମାନେ ଯେ ଉଶୃଙ୍ଖଳିତ ହୋଇ ପଡିଛନ୍ତି । ତା' ନୁହେଁ ବରଂ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଅଧିକାଂଶ ଛାତ୍ରୀଛାତ୍ରମାନେ ବି ଏଥିରୁ ବାଦ୍ ପଡିନାହାନ୍ତି । ଏସବୁ ଶିକ୍ଷାନୁଷ୍ଠାନରେ ଛାତ୍ରୀଛାତ୍ରଙ୍କ ଚାଲିଚଳନ, ଆଚରଣ ଓ କାର୍ଯ୍ୟକଳାପ ଏବେ ଏତେ ବିଶୃଙ୍ଖଳିତ ହୋଇ ପଡିଛି ଯେ, ଯାହାକୁ ନେଇ ଶିକ୍ଷାନୁଷ୍ଠାନର କର୍ମକର୍ତ୍ତାଙ୍କ ସମେତ ମାତାପିତା ଓ ଅଭିଭାବକମାନେ ବେଶ୍ ବିବ୍ରତ ଓ ଚିନ୍ତିତ ମଧ୍ୟ । ଆବଶ୍ୟକ ଅନୁଶାସନ ଅଭାବରୁ ପିଲାଏ ଆଉ କାହାକୁ ମାନିବା ଅବସ୍ଥାରେ ନାହାନ୍ତି । ଏଭଳି ବୟସର ପିଲାମାନଙ୍କ କ୍ଷେତ୍ରରେ ଶିକ୍ଷକମାନେ ସେମାନଙ୍କୁ ତାଗିଦ କରିବା କିମ୍ବା ସେମାନଙ୍କ ବିରୋଧରେ ଆବଶ୍ୟକ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ବ୍ୟତୀତ ଆଉ କ'ଣ ବା ପଦକ୍ଷେପ ନେଇ ପାରିବେ ।

ଏବେ ତ ପରିବାର ଭିତରେ ବି ପିଲାମାନେ ଆଉ ମାତାପିତା ଓ ଅଭିଭାବକଙ୍କ ନିୟନ୍ତ୍ରଣରେ ନ ରହି ମୁକ୍ତ ଓ ଅବାଧ ଜୀବନ ଜିଇବାକୁ ଇଚ୍ଛାପ୍ରକଟ କରୁଛନ୍ତି । ତେଣୁ କେବଳ ବିଦ୍ୟାଳୟ ନୁହେଁ ବରଂ ପରିବାରରେ ପିଲାମାନଙ୍କୁ ଯୁକ୍ତିଯୁକ୍ତ ଅନୁଶାସନର ଆବଶ୍ୟକତା ରହିଛି । ମାତାପିତା ଓ ଗୁରୁଜନ ଭିତରେ ନରମ ରହି ବାହାରକୁ କଠୋର ମନୋଭାବ ପୋଷଣ କରିବା ଉଚିତ । ଛୋଟ ବୟସରୁ ସେମାନଙ୍କୁ ଶୃଙ୍ଖଳା ଓ ସଂସ୍କାରର ଶିକ୍ଷା ଦିଆ ନ ଗଲେ ବଡ଼ ହେଲେ ସେମାନଙ୍କ ପାଖରୁ ଆମେ ଆଉ କି ଆଶା କରିବା । ତେଣୁ ଘରେ ମାତାପିତା ଓ ଗୁରୁଜନ ଏବଂ ବିଦ୍ୟାଳୟରେ ଶିକ୍ଷକଙ୍କ ପ୍ରତି ସେମାନଙ୍କ ମନରେ ଭୟ ଓ ସମ୍ମାନ ରହିବା ଏକାନ୍ତ ଅପରିହାର୍ଯ୍ୟ । ଏଥିପ୍ରତି ସମସ୍ତେ ସଚେତନ ଓ ଯତ୍ନବାନ୍ ହେବା ବର୍ତ୍ତମାନ ସମୟରେ ଏକ ଆହ୍ୱାନ ।



# ଅର୍ଥ

## ମହାତ୍ମା ଗାନ୍ଧୀ

ମୁଁ ନିଜ ଅଭିଜ୍ଞତାରୁ ଜାଣିଛି ଯେ, ସହଚାରିତାର ଭାବନା, ସଦୟ ବଚନ ଏବଂ କରୁଣାଯୁକ୍ତ ଚାହାଣି ଯେତେ ଅଧିକ ଦୂର ଯାଇପାରିବ, ଅର୍ଥ କଦାପି ସେତେଦୂର ଯାଇପାରିବ ନାହିଁ । ଯଦି ଧନ ପାଇବାଲାଗି ବ୍ୟାକୁଳ ହେଉଥିବା ଜଣେ ବ୍ୟକ୍ତି ଆଉ କାହାଠାରୁ ସେହି ଧନଗୁଡ଼ିକୁ ପାଏ, ମାତ୍ର ସେଥିରେ କୌଣସି ସହାନଭୂତି ନ ଥାଏ, ତେବେ ପରେ ସେ ସେହି ବ୍ୟକ୍ତିକୁ ଅବଶ୍ୟ ବର୍ଜନ କରିବ । ଅନ୍ୟ ପକ୍ଷରେ, ଯାହାକୁ ଭଲ ପାଇବା ଦ୍ୱାରା ଜୟ କରାଯାଇଛି, ତେବେ ଭଲ ପାଇବା ଦେଇଥିବା ବ୍ୟକ୍ତିଟି ସହିତ ସେ ଯେକୌଣସି ଅସୁବିଧାର ସମ୍ମୁଖୀନ ହେବାଲାଗି ନିଶ୍ଚୟ ପ୍ରସ୍ତୁତ ହୋଇଯିବ ।

ଏହା ମୋ'ର ସୁନିଶ୍ଚିତ ଅନୁଭୂତିଲବ୍ଧ ବିଶ୍ୱାସ ଯେ, ଆଧାତ୍ମିକ କ୍ଷେତ୍ରରେ ଅର୍ଥର ସବୁଠାରୁ ଗୌଣ ଭୂମିକା ହିଁ ରହିଥାଏ ।

ସମସ୍ତେ ଯେଉଁ ବାଟରେ ଯାଇଛନ୍ତି, ସେହି ଗଳାଟିକୁ ଅନୁସରଣ ନ କରି ନିଜପାଇଁ ଯଥାର୍ଥ ପଥଟିକୁ ଆବିଷ୍କାର କରିବା ଓ ନିର୍ଭୟ ହୋଇ ପଥରେ ଯିବାକୁ ହିଁ ଯଥାର୍ଥ ନୈତିକତା ବୋଲି କୁହାଯିବ । ସ୍ୱତଃପ୍ରେରିତ ହୋଇ କରା ଯାଉ ନ ଥିବା କାର୍ଯ୍ୟକୁ ନୈତିକ ବୋଲି କଦାପି କୁହାଯିବ ନାହିଁ । ଆମେ ଯେପର୍ଯ୍ୟନ୍ତ ଗୋଟିଏ ଗୋଟିଏ ଯନ୍ତ୍ର ପରି କାର୍ଯ୍ୟ କରୁଥିବା, ସେ ପର୍ଯ୍ୟନ୍ତ ସେଥିରେ ନୈତିକତା ଲାଗି ଆଦୌ କୌଣସି ଅବକାଶ ରହିବ ନାହିଁ । କୌଣସି କାର୍ଯ୍ୟକୁ ନୈତିକ ବୋଲି କହିବାକୁ ହେଲେ, ତାହାକୁ ଅବଶ୍ୟ ସଚେତନ ଭାବରେ ଓ ଏକ କର୍ତ୍ତବ୍ୟ ବୋଲି ମଣିବା ଉଚିତ୍ ।

କୌଣସି ନୀତିକୁ ପାଳନ କରିବା ପାଇଁ ଚେଷ୍ଟା କରୁଥିବା ପର୍ଯ୍ୟନ୍ତ ତା'ଉପରେ ଆଦୌ କୌଣସି ନୈତିକ କର୍ତ୍ତୃତ୍ୱ ସମ୍ଭବ ହେବନାହିଁ । ସେହି କର୍ତ୍ତୃତ୍ୱ ଆଦୌ ନ ଖୋଜିଲେ ଯାଇ ଆସିବ ଏବଂ ଆଦୌ କୌଣସି ଚେଷ୍ଟା ନକରି ହିଁ ତାହାକୁ ଧାରଣ କରି ରଖି ହେଉଥିବ ।

ଶସ୍ତା ଲୋକପ୍ରିୟତା ହାସଲ କରିବା ପାଇଁ ରହିଥିବା ଆମର କୌଣସି ଆକର୍ଷଣ ଦ୍ୱାରା ନୁହେଁ, ଏକ ଔଚିତ୍ୟ-ବୋଧଦ୍ୱାରା ହିଁ ଆମକୁ ଆମ ନୀତିରେ ପରିଚାଳିତ ହେବାକୁ ପଡ଼ିବ ।

ମୁଁ ଏପର୍ଯ୍ୟନ୍ତ ଜଣେ ଯୋଗ୍ୟ ପୁଅକୁ ଦେଖିନାହିଁ ଯିଏ ବୟସରେ ବଡ଼ ହୋଇ ତା'ର ଜନନୀ ନାମରେ କୌଣସି କଳଙ୍କ ଲଗାଇଛି । ଖାଣ୍ଟି ସୁନା ଉପରେ ସୁନାପୁଟ ଦେବାର ସମ୍ଭାବନାଟିକୁ ବେଶ୍ କଳ୍ପନା କରାଯାଇ ପାରେ । ମାତ୍ର, ଯେଉଁ ପୁଅ ନିଜର ପିତାମାତାଙ୍କୁ ପରିଚିତ କରାଇବା ପାଇଁ ଅଳଙ୍କରଣର ସାହାଯ୍ୟ ନେବ, ସେହି ପୁଅ ଏବେ ମଧ୍ୟ ଜନ୍ମ ହୋଇନାହିଁ ।

ଯେତେ ଦୁଃଖଦାୟକ ହେଲେ ମଧ୍ୟ ଏହା ଏକ ଐତିହାସିକ ସତ୍ୟ ଯେ, ଯେଉଁ ପୁରୋହିତ କୁଳଧର୍ମର ଅସଲ ରକ୍ଷାକର୍ତ୍ତା ହୋଇ ରହିଥାନ୍ତେ, ସେହିମାନେ ହିଁ, ସେମାନେ ଯେଉଁ ଧର୍ମର ରକ୍ଷାକର୍ତ୍ତା ହୋଇ ରହିଥିଲେ, ସେହି ଧର୍ମର ବିନାଶରେ ନିମିତ୍ତ ପରି କାର୍ଯ୍ୟ କରିଛନ୍ତି ।

ଯଦି ଆମେ ବିହିତ ଭାବରେ ପାଉଥିବା ପ୍ରତ୍ୟେକ ପଇସାର ହିସାବ ନ ରଖିବା ଏବଂ ବିଚାର ସହିତ ପାଣ୍ଠିଗୁଡ଼ିକର ବିନିଯୋଗ ନ କରିବା, ତେବେ ଆମଲାଗି ସାଧାରଣ ଜୀବନରୁ ବାହାରିଯିବା ହିଁ ଉଚିତ ହେବ ।

ମୋ'ପାଖରେ ଏପରି କୌଣସି ଧନ ନାହିଁ, ଯାହାକୁ ମୁଁ ମୋର ବୋଲି କହିପାରିବି । ମୋ'ପାଖକୁ ଆସୁଥିବା ଦାନ ବା ତାହାର ଏକ ଅଂଶକୁ ମୁଁ ମୋ'ର ବ୍ୟକ୍ତିଗତ ପ୍ରୟୋଜନଗୁଡ଼ିକ ପାଇଁ ବ୍ୟବହାର କରି ପାରିବି କି ? ମୋ'ର ସମଗ୍ର କାର୍ଯ୍ୟକାଳରେ ମୁଁ ଏପରି ବିନିଯୋଗ କେବେହେଲେ କରିନାହିଁ ଏବଂ ନିଜ ବନ୍ଧୁମାନଙ୍କୁ ମଧ୍ୟ ତାହା ନ କରିବାକୁ ପରାମର୍ଶ ଦେଇଛି । ସେମାନେ ନିଜେ ଯେତେ ପରିମାଣରେ ପାରିବେ, ତା'ଠାରୁ ଅଧିକ ବିଚାରଯୁକ୍ତ ଓ ଯତ୍ନଶୀଳ ଭାବରେ ସେମାନେ ଦେଉଥିବା ଅର୍ଥର ବ୍ୟବହାର ହେବ ବୋଲି ସମ୍ପୂର୍ଣ୍ଣ ବିଶ୍ୱାସ କରି, ସାଧାରଣ ଜନଗଣ ଯେଉଁମାନଙ୍କୁ ଦାନ ଦେଉଛନ୍ତି ଏବଂ ଯେଉଁମାନଙ୍କ ଠାରେ ସେମାନେ ଆସ୍ଥା ସ୍ଥାପନ କରିଛନ୍ତି, ସେହିସବୁ ବ୍ୟକ୍ତିମାନଙ୍କ ଲାଗି ଅନ୍ୟ କୌଣସି ବିକଳ୍ପ ପନ୍ଥା ନାହିଁ ବୋଲି ମୁଁ ଭାବୁଛି । ଏହିପରି ଭାବରେ ଯେଉଁ ଆସ୍ଥାଟିକୁ ସ୍ଥାପିତ କରା ହୋଇଛି, ବ୍ୟକ୍ତିଗତ ଉଦ୍ଦେଶ୍ୟସାଧନ ନିମନ୍ତେ ସେହି ଆସ୍ଥାଟିର ଅସଦ୍ ବ୍ୟବହାର କରାଗଲେ ତାହା ପ୍ରକୃତରେ ଗୋଟିଏ ଭୟଙ୍କର ବ୍ୟାପାର ହେବ । ଏହିସବୁ ବ୍ୟବହାରର ବିନାଶକାରୀ ପରିଣାମଗୁଡ଼ିକ ବିଷୟରେ ଯେତିକି ବର୍ଣ୍ଣନା କରିହେବ, ତାହାଠାରୁ ଅଧିକ କଳ୍ପନା ହିଁ କରାଯାଇ ପାରିବ । ସମ୍ରାଟ ସିଜରଙ୍କର ପତ୍ନୀଙ୍କ ପରି ସାଧାରଣ କ୍ଷେତ୍ରର ଯାବତୀୟ ସେବା ସକଳ ସନ୍ଦେହର ଊର୍ଦ୍ଧ୍ୱରେ ରହିବା ହିଁ ଉଚିତ ।

ଯେତେ ଯେତେ ସାଧାରଣ ଅନୁଷ୍ଠାନର ମୁଁ ପରିଚାଳନା କରି ଆସିଛି, ସେଠାରେ ଲାଭ କରିଥିବା ଅଜସ୍ର ଅଭିଜ୍ଞତାରୁ ମୋ'ର ଏହି ଦୃଢ଼ ବିଶ୍ୱାସ ହୋଇଯାଇଛି ଯେ, ସ୍ଥାୟୀ ଅର୍ଥପାଣ୍ଠିକୁ ଭିତ୍ତି କରି ଆଦୌ କୌଣସି ସାଧାରଣ ଅନୁଷ୍ଠାନ ଚଳାଇବା ଉଚିତ ନୁହେଁ । ଏକ ସ୍ଥାୟୀ ଅର୍ଥପାଣ୍ଠି ଭିତରେ ସେହି ଅନୁଷ୍ଠାନର ନୈତିକ ପତନର ବୀଜବପନ ହୋଇ ରହିଥାଏ । ଏକ ସାଧାରଣ ଅନୁଷ୍ଠାନର ଅର୍ଥ ହେଉଛି ଯେ, ତାହା ସର୍ବସାଧାରଣଙ୍କର ଅନୁମୋଦନରେ ଚଳୁଥିବ ଓ ସେମାନେ ଦେଉଥିବା ପାଣ୍ଠିଦ୍ୱାରା ଚଳୁଥିବ । ଯେତେବେଳେ ଏଭଳି ଗୋଟିଏ ଅନୁଷ୍ଠାନ ପଛରେ ସାଧାରଣଙ୍କର ଅନୁମୋଦନ ନ ରହିବ, ସେତେବେଳେ ତାହା ନିଜ ଅସ୍ତିତ୍ୱର ଅଧିକାରକୁ ହରାଇ ବସିବ ।

# ମାଂସପେଶୀ ସୁଦୃଢ଼ କରେ ଚିନାବାଦାମ

କେବଳ ପାଟିକୁ ସ୍ୱାଦ ପାଇଁ ବାଦାମ ଖିଆଯାଇଥାଏ ତାହା ନୁହେଁ, ଏହି ବାଦାମ ଛୋଟ ଛୋଟ ମଞ୍ଜି ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପଯୋଗୀ । ଏହାର ତେଲରେ ଆମେ ଖାଦ୍ୟ ପ୍ରସ୍ତୁତ କରିଥାଉ । ଏଥି ସହିତ ବାଦାମରେ ରହିଛି ପ୍ରଚୁର ପରିମାଣର ଭିଟାମିନ୍ ମିନେରାଲ୍ସ, ନ୍ୟୁଟ୍ରିଏଣ୍ଟ ଓ ଆଣ୍ଟିଅକ୍ସିଡାଣ୍ଟ ଭିଟାମିନ୍ ବି କମ୍ପ୍ଲେକ୍ସ ରିବୋଫ୍ଲୋବିନ୍, ଥିଆମିନ୍, ଭିଟାମିନ୍ ବି-୬ ଓ ଭିଟାମିନ୍ ବି-୯ ଯାହା ବହୁ ରୋଗ ପାଇଁ ବଡ଼ ଉପକାରୀ । ଡାଇବେଟିସକୁ କଣ୍ଟ୍ରୋଲ କରିଥାଏ: ଖାଇବା ଫଳରେ ଡାଇବେଟିସ ହେବାର ସମ୍ଭାବନା ୨୧% କମ୍ ରହିଥାଏ । ବାଦାମରୁ ମିଳୁଥିବା ମାଙ୍ଗାନିଜ୍ ନାମକ ତତ୍ତ୍ୱ ବ୍ଲଡ୍ ସୁଗାରକୁ ନିୟନ୍ତ୍ରଣ କରିଥାଏ । ଶରୀରରେ କ୍ୟାଲସିୟମର ଅବଶୋଷଣରେ ସହାୟତା କରିଥାଏ ମେଟାବଲିଜମ୍ ବଢ଼ାଇଥାଏ ।



ଯଦି ଆପଣ ଦୁର୍ବଳ ଅଛନ୍ତି ଆପଣ ମଧ ମସଲସ ବାହାର କରିବାକୁ ଚାହୁଁଛନ୍ତି ତେବେ ଚିନ୍ତା କରନ୍ତୁ ନାହିଁ । ପ୍ରତିଦିନ କିଛି ଭିଜା ବାଦାମ କ୍ଷୀର ସହିତ ଖାଆନ୍ତୁ । ଧୀରେ ଧୀରେ ଆପଣଙ୍କ ମସଲସ ବାହାରି ପଡ଼ିବ ।

କ୍ୟାନସରରୁ ରକ୍ଷା: ଏଥିରେ ଆଣ୍ଟିଅକ୍ସିଡାଣ୍ଟ, ଆଇରନ, ଫଲେଟ୍, କ୍ୟାଲସିୟମ୍ ଓ ଜିଙ୍କ୍ ଶରୀର କ୍ୟାନସର ସେଲ୍ସ ସହିତ ଲଢ଼େଇ କରିବାରେ ସହାୟକ ହୋଇଥାଏ । ଏଥିପାଇଁ ପ୍ରତିଦିନ ବାଦାମ ଖାଇବା ଉଚିତ୍ ।

ବ୍ଲଡ ସର୍କୁଲେସନ ଠିକ୍ ଭାବରେ କରେ: ଏହା ଶରୀରରେ ଉଷ୍ମତା ଆଣିଥାଏ, ଯେଉଁ କାରଣରୁ ବ୍ଲଡ ସର୍କୁଲେଶନ ଉତ୍ତମ ହୋଇଥାଏ ଓ ଏଥିରେ ହୃଦୟ ସୁସ୍ଥ ରହିଥାଏ । ହାର୍ଟ ଆଟାକର ଭୟ କମ୍ କରିଥାଏ ।

ଗର୍ଭବତୀଙ୍କ ପାଇଁ ଫଳପ୍ରଦ: ଗର୍ଭବତୀ ମହିଳାଙ୍କ ପାଇଁ ବାଦାମ ଖାଇବା ଖୁବ୍ ଉତ୍ତମ । ଏହା ଗର୍ଭରେ ବଢୁଥିବା ପିଲାର ବିକାଶ ପାଇଁ ଖୁବ୍ ଉତ୍ତମ ପ୍ରଭାବ ପକାଇଥାଏ ।

# ସ୍ୱର୍ବେଦ

**ଉତପନ୍ନ ରଜ ୱୀର୍ଯ୍ୟ ସେ, ଅନ୍ନ ଜଲ ୱାୟୁ ପାଲ ।**
**ଷଟ ୱିକାର ଅସ୍ଥୁଲ କର, ଜରା ଯୁୱା ତନ ୱାଲ ॥୨୪॥**

ଭାଷ୍ୟ - ରଜ ବୀର୍ଯ୍ୟରୁ ଉତ୍ପନ୍ନ ହୋଇ ମାତାଙ୍କ ଗର୍ଭରେ ଦଶ ମାସ ନିର୍ମିତ ଦେହ, ଯାହାର ରକ୍ଷା ଅନ୍ନ, ଜଳ, ବାୟୁ ଦ୍ୱାରା ହୋଇଥାଏ ତାହା ଷଟ୍ ବିକାରକୁ ପ୍ରାପ୍ତ କରି ଶେଷରେ ନଷ୍ଟ ହୋଇଯାଏ । ଏହାକୁ ସ୍ଥୁଳ ଦେହ କହନ୍ତି ।

**ତୁରିୟା ତୁରିୟାତୀତ ହୈ, ଆପ୍ତ ମହା ପଦ ଜାନ ।**
**ଜାଗ୍ରିତ ସ୍ୱପ୍ନ ସୁଷୋପତୀ, ଷଟ ଓ୍ୱ ଅଓ୍ୱସ୍ଥା ମାନ ॥୨୫॥**

ଭାଷ୍ୟ - ଜାଗ୍ରତ, ସ୍ୱପ୍ନ, ସୁଷୁପ୍ତି, ତୁରିୟ, ତୁରିୟାତୀତ ଆଉ ଆପ୍ତ - ଏପରି ଛଅ ପ୍ରକାର ଅବସ୍ଥା ହୋଇଥାଏ ।

**ପଞ୍ଚ ୱିଷୟ ପଞ୍ଚ ଇନ୍ଦ୍ରିୟାଁ, ହୋୟ ଯଥାରଥ ଜ୍ଞାନ ।**
**ଜାଗ୍ରିତ ତାକୋ ଜାନିୟେ, ପ୍ରଥମ ଅଓ୍ୱସ୍ଥା ମାନ ॥୨୬॥**

ଭାଷ୍ୟ - ଶବ୍ଦ, ସ୍ପର୍ଶ, ରୂପ, ରସ ଏବଂ ଗନ୍ଧ - ଏହି ପଞ୍ଚ ଜ୍ଞାନେନ୍ଦ୍ରିୟାଦି ବିଷୟମାନଙ୍କର ଜ୍ଞାନ ଯେତେବେଳେ ଜାତ ହୁଏ ତାହାକୁ ଜାଗ୍ରତ ଅବସ୍ଥା ବୋଲି କୁହାଯାଏ ।

**ଜାଗ୍ରିତ କେ ପରପଞ୍ଚ କୀ, ସମୁତି ହୋୟ ଜେହି କାଲ ।**
**ସ୍ୱପ୍ନ ଅଓ୍ୱସ୍ଥା ଅନ୍ୟଥା, ଦୃଶ୍ୟ ଅନେକ ହଓ୍ୱାଲ ॥୨୭॥**


ଭାଷ୍ୟ - ଯେତେବେଳେ ଜାଗ୍ରତ ପ୍ରପଞ୍ଚଗୁଡ଼ିକର ଅନ୍ୟଥା ସ୍ମୃତି ହୋଇଥାଏ, ତାହାକୁ ସ୍ୱପ୍ନ ଅବସ୍ଥା କୁହାଯାଏ ।

**ଜାଗ୍ରିତ ଔର ସୁଷୋପ୍ତି କେ, ସ୍ୱପ୍ନ ମଧ୍ୟ ମହଁ ହୋୟ ।**
**ସଂସ୍କାର ଦୁଖ ସୁଖ ୱନେ, ମନ ଅଭାସ ଭୟ ସୋୟ ॥୨୮॥**

ଭାଷ୍ୟ - ଜାଗ୍ରତ ଆଉ ସୁପ୍ତ ଅବସ୍ଥାର ମଧ୍ୟ ଭାଗରେ ସ୍ୱପ୍ନ ଅବସ୍ଥା ରହିଥାଏ, ଯେଉଁ ସମୟରେ ସାଂସାରିକ ଦୁଃଖ ସୁଖର ଆଭାସ ମନରେ ହୋଇଥାଏ । ମନ ବାହ୍ୟ ବିଷୟଗୁଡ଼ିକୁ ତ୍ୟାଗକରି ନିଜ ସଂସ୍କାର ଅନୁସାରେ ଦୁଃଖ ସୁଖର ଅନୁଭବ ସ୍ୱପ୍ନ ଅବସ୍ଥାରେ କରିଥାଏ ।

**ଇନ୍ଦ୍ରିୟ ଉପରମ ହୋ ଗଈ, ସଂସ୍କାର ରହ ତାହି ।**
**ଜନ୍ମ ଅନେକ ନ ଆୱଇ, ଛାୟା ଦୃଶ୍ୟ ସମାହିଁ ॥୨୯॥**

ଭାଷ୍ୟ - ଯେତେବେଳେ ଇନ୍ଦ୍ରିୟଗୁଡ଼ିକ କାର୍ଯ୍ୟରୁ ଅଲଗା ହୋଇ ଯାଆନ୍ତି ଏବଂ ମନ କଣ୍ଠରେ ସ୍ଥିତ ହୋଇଯାଏ ସେହି ସମୟରେ ମନ ମଧ୍ୟରେ ଅନେକ ଜନ୍ମର ସଂସ୍କାର ଆସିଥାଏ ଏବଂ ସେହି ଛାୟାଦୃଶ୍ୟଗୁଡ଼ିକୁ ମନ ଦେଖିଥାଏ । ସ୍ୱପ୍ନରେ ଅନାଗତ ବିଷୟଗୁଡ଼ିକର ମଧ୍ୟ ଜ୍ଞାନ ହୋଇଥାଏ ଆଉ ଭଲ ମନ୍ଦ ସଂସ୍କାରଗୁଡ଼ିକର ପ୍ରଭାବରୁ




ମନରେ ସୁଖ ଦୁଃଖ ହୋଇଥାଏ । ଏହା ସ୍ୱପ୍ନ ଅବସ୍ଥାର ଲକ୍ଷଣ ଅଟେ ।

**ଅନ୍ତଃକରଣ ୱିଲୀନ ହୈ, ତ୍ୟାଗ ସକଲ ବ୍ୟୱପାର ।**
**ଜ୍ଞାନ ଘୋରତମ ଛାଇୟା, ଭାୱ ସୁଷୋପ୍ତି ୱିଚାର ॥୩୦॥**

ଭାଷ୍ୟ - ସମସ୍ତ ବ୍ୟବହାରକୁ ଛାଡ଼ି ଯେତେବେଳେ ଅନ୍ତଃକରଣ ନିଜ ମୂଳ ସ୍ୱରୂପରେ ବିଲୀନ ହୋଇଯାଏ ଆଉ ଆତ୍ମାର ଜ୍ଞାନ ତମୋଗୁଣ ଅର୍ଥାତ୍ ଅଧମ ପ୍ରବୃତ୍ତିର ଅନ୍ଧକାରରେ ଢାଙ୍କି ହୋଇଯାଏ, ସେହି ଅବସ୍ଥାକୁ ସୁପ୍ତ ଅବସ୍ଥା କୁହାଯାଏ ।

**ସତ୍ତା ସତଚିତ ରୂପ ମେଁ, ଜ୍ଞାନ ରହେ ତେହି ମାହିଁ ।**
**ଜ୍ଞାନ ନିତ୍ୟ ଗୁଣ ଜୀୱ କା, ଦ୍ରବ୍ୟାଶ୍ରିତ ଗୁଣ ଆହିଁ ॥୩୧॥**

ଭାଷ୍ୟ - ସୁଷୁପ୍ତି ଅବସ୍ଥାରେ ଆତ୍ମା ସତ୍, ଚିତ୍ ସ୍ୱରୂପରେ ସ୍ଥିତ ରହିଥିବା ବେଳେ ବାହ୍ୟ ଜ୍ଞାନର ବୋଧ ରହି ନ ଥାଏ । କିନ୍ତୁ ଚେତନ ଅବସ୍ଥାରେ ଜ୍ଞାନ ସର୍ବଦା ରହିଥାଏ ତତ୍ସହିତ ଦ୍ରବ୍ୟର ଆଶ୍ରିତ ଗୁଣ ମଧ୍ୟ ରହିଥାଏ । ସେଥିପାଇଁ ଆତ୍ମା ଭିତରେ ସୁଷୁପ୍ତିରେ ମଧ୍ୟ ନିଜର ଜ୍ଞାନ ରହିଥାଏ । ଆତ୍ମା କୂଟସ୍ଥ ଏବଂ ନିତ୍ୟ ଅଟେ । ତାହାର ଚେତନ ସ୍ୱରୂପ କଦାପି ଅନ୍ୟ ରୂପରେ ରୂପାନ୍ତରିତ ହୋଇ ନ ଥାଏ । ଏହା ନିତ୍ୟ ଚେତନ ପଦାର୍ଥର ଲକ୍ଷଣ ଅଟେ ।

**ତୀନ ଅୱସ୍ଥା ସହଜ ହୈ, ତୁରିୟା ସାଧନ ହୋୟ ।**
**ୟୋଗିନ ଜ୍ଞାନ ୱିକାଶ ହୈ, ଶୁଦ୍ଧ ରୂପ ମହଁ ସୋୟ ॥୩୨॥**

ଭାଷ୍ୟ - ଜାଗ୍ରତ, ସ୍ୱପ୍ନ ଏବଂ ସୁପ୍ତ - ଏହି ପ୍ରାକୃତିକ ଅବସ୍ଥାଗୁଡ଼ିକ ସମସ୍ତଙ୍କୁ ସ୍ୱାଭାବିକ ଭାବରେ ପ୍ରାପ୍ତି ହୋଇଥାନ୍ତି । କିନ୍ତୁ ତୁରୀୟ ଅବସ୍ଥା ଯୋଗ ସାଧନାରୁ ପ୍ରାପ୍ତି ହୋଇଥାଏ । ଜ୍ଞାନ ବିକାଶର ଶୁଦ୍ଧ ରୂପରେ ଯୋଗୀଜନଙ୍କୁ ଏହି ଅବସ୍ଥା ପ୍ରାପ୍ତ ହୋଇଥାଏ ।

**ପ୍ରାକୃତ ଦେହ ଅସଙ୍ଗ ହୈ, ନିଜ ସ୍ୱରୂପ ପରକାଶ ।**
**ଜାଗ୍ରିତ ଭାୱ ଅଭାୱ ହୈ, ତୁରିୟା ଜାଗ୍ରିତ ଭାସ ॥୩୩॥**

ଭାଷ୍ୟ - ତୁରୀୟ ଅବସ୍ଥାରେ ଭୌତିକ ଶରୀର ସାଙ୍ଗରେ ରହେ ନାହିଁ । ଆତ୍ମା ନିଜ ପ୍ରକାଶରେ ସ୍ଥିତ ହୋଇଥାଏ ଓ ବାହ୍ୟ ପ୍ରାକୃତ ଜଗତର ଅଭାବ ହେବା ଫଳରେ ଆତ୍ମାର ଶୁଦ୍ଧ ପ୍ରକାଶ ଉଦୟ ହୋଇଥାଏ ।

**ଜଡ଼ ଚେତନ ଗ୍ରନ୍ଥୀ ଖୁଲୀ, ଚେତନ ହୋୟ ଅସଙ୍ଗ ।**
**ଆପ ଆପ ପହିଚାନିୟା, ତୁରିୟା ଜ୍ଞାନ ଅଭଙ୍ଗ ॥୩୪॥**

ଭାଷ୍ୟ - ଜଡ଼ ଆତ୍ମାର ଗଣ୍ଠି ଖୋଲିଯିବା ଦ୍ୱାରା ଆତ୍ମା ଅସଙ୍ଗ ହୋଇଯାଏ ଏବଂ ସେତେବେଳେ ସେ ନିଜକୁ ଚିହ୍ନିପାରେ । ଏହାକୁ ତୁରୀୟ ଅବସ୍ଥା କହନ୍ତି । ଆତ୍ମା ନିଜ କରଣରେ ସ୍ଥିର ହେବା ଫଳରେ ନିଜକୁ ଚିହ୍ନିବାରେ ସକ୍ଷମ ହୋଇଥାଏ, ଅନ୍ୟ କୌଣସି ସାଧନରୁ ନୁହେଁ ।

**ନିଜ ସ୍ୱରୂପ କେ ଅନ୍ତରେ, ଅନୁଭୱ ଶବ୍ଦ ପ୍ରକାଶ ।**
**ଦଶୋ ଦିଶା ପରିପୂର୍ଣ୍ଣ ହୈ, ତୁରିୟାତୀତ ୱିକାଶ ॥୩୫॥**

ଭାଷ୍ୟ - ନିଜ ସ୍ୱରୂପର ପ୍ରକାଶ ଉଦୟ ହେବାପରେ ଯେତେବେଳେ ଆତ୍ମାରେ ଶବ୍ଦ ପ୍ରକାଶ ଦଶ ଦିଶରୁ ପରିପୂର୍ଣ୍ଣ ଅନୁଭବ ହେବାରେ ଲାଗେ ସେତେବେଳେ ସେହି ଅବସ୍ଥାକୁ ତୁରୀୟାତୀତ ଅବସ୍ଥା କହନ୍ତି । ସେତେବେଳେ ଆତ୍ମା ଭିତରେ ବ୍ରହ୍ମ ପ୍ରକାଶ ଉଦୟ ହୁଏ ଏବଂ ପରମାନନ୍ଦଙ୍କର ଧାରା ପ୍ରବାହିତ ହେବାରେ ଲାଗେ ।

**ଶବ୍ଦ ଅଖଣ୍ଡ ସମାଧି ହୈ, ସଚ୍ଚିଦାନନ୍ଦ ସ୍ୱରୂପ ।**
**ସର୍ୱ ଜ୍ଞାନ ପରତ୍ୟକ୍ଷ ହୈ, ଆପ୍ତ ଅୱସ୍ଥା ରୂପ ॥୩୬॥**

ଭାଷ୍ୟ - ଶବ୍ଦ ଅଖଣ୍ଡ ସମାଧିରେ ଆତ୍ମା ସଚ୍ଚିଦାନନ୍ଦ ସ୍ୱରୂପକୁ ପ୍ରାପ୍ତ ହୋଇଥାଏ ଏବଂ ତାହାକୁ ସମସ୍ତ ଜ୍ଞାନ ପ୍ରତ୍ୟକ୍ଷ ହେବାରେ ଲାଗେ । ସମାଧି-ବିଜ୍ଞାନ ପ୍ରାପ୍ତ ହେବା ପରେ ହିଁ ସମସ୍ତ ତତ୍ତ୍ୱଗୁଡ଼ିକର ଯଥାର୍ଥ ବୋଧ ହୋଇଥାଏ । ଏହା ଆପ୍ତ ଅବସ୍ଥାର ସ୍ୱରୂପ ଅଟେ ଅର୍ଥାତ୍ ଏହାକୁ ଆପ୍ତ ଅବସ୍ଥା କୁହାଯାଏ ।

**ପୂର୍ଣ୍ଣ ଜ୍ଞାନ ଆନନ୍ଦ ହୈ, ପୂର୍ଣ୍ଣ କଲାମୟ ଶକ୍ତି ।**
**ବୋଧ ତତ୍ତ୍ୱ ନିରଭ୍ରାନ୍ତ ହୈ, ଆପ୍ତ ଦଶା ପର ଭକ୍ତି ॥୩୭॥**

ଭାଷ୍ୟ - ବିହଙ୍ଗମ ଯୋଗ ସମାଧି ଦ୍ୱାରା ଯେତେବେଳେ ଆପ୍ତ ଅବସ୍ଥାର ପ୍ରାପ୍ତି ହୁଏ, ସେତେବେଳେ ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଆନନ୍ଦ ଏବଂ ପୂର୍ଣ୍ଣ ଶକ୍ତି ପ୍ରାପ୍ତ ହୋଇ ସମସ୍ତ ତତ୍ତ୍ୱଗୁଡ଼ିକର ଭ୍ରମରହିତ ତଥା ଯଥାର୍ଥ ଜ୍ଞାନ ପ୍ରାପ୍ତ ହୋଇଯାଏ । ଏହା ଆପ୍ତ ଅବସ୍ଥାର ମହିମା ଏବଂ ତାହାର ମହାନ୍ ଐଶ୍ୱର୍ଯ୍ୟ ଅଟେ ।

**ଜାଗ୍ରିତ ଲୟ ହୋ ସ୍ୱପ୍ନ ମେଁ, ସ୍ୱପ୍ନ ସୁଷୋପ୍ତି ସମାୟ ।**
**ଲୟ ସୁଷୋପ୍ତି ତୁରିୟା ମିଲୈ, ତୁରିୟା ଜ୍ୟୋତି ବରାୟ ॥୩୮॥**

ଭାଷ୍ୟ - ଜାଗ୍ରତ ଅବସ୍ଥା ସ୍ୱପ୍ନରେ, ସ୍ୱପ୍ନ ସୁଷୁପ୍ତିରେ ଏବଂ ସୁଷୁପ୍ତି ତୁରୀୟରେ ଲୟ ହୋଇଯାଏ ଅର୍ଥାତ୍ ତୁରିୟର ଜ୍ୟୋତି ବୃଦ୍ଧି ପାଇବାରେ ଲାଗେ ।

**ତୁରିୟା ତୁରିୟାତୀତ ମେଁ, ଲୟ ହୋ ଶବ୍ଦ ପ୍ରକାଶ ।**
**ତୁରିୟାତୀତ ୱିଲୀନ ହୈ, ଆପ୍ତ ପରମ ପରକାଶ ॥୩୯॥**

ଭାଷ୍ୟ - ଶବ୍ଦ ପ୍ରକାଶ ପ୍ରାପ୍ତ ହେବା ପରେ ତୁରୀୟ, ତୁରୀୟାତୀତରେ ଲୟ ହୋଇଯାଏ ଏବଂ ତୁରୀୟାତୀତ ଅବସ୍ଥା ଆପ୍ତର ପରମ ପ୍ରକାଶରେ ଲୟ ହୋଇଯାଏ । ଏହା ଆତ୍ମାର ଛଅ ପ୍ରକାର ଅବସ୍ଥାର ସ୍ୱରୂପଗୁଡ଼ିକର ନିରୂପଣ ଅଟେ ।

**ଆପ୍ତ ଅୱସ୍ଥା ଶ୍ରେଷ୍ଠ ହୈ, ଜୀୱନ୍ମୁକ୍ତ ସ୍ୱରୂପ ।**
**ସହଜ ୟୋଗ ୱିଜ୍ଞାନ ମେଁ, ମହିମା ଶବ୍ଦ ଅନୂପ ॥୪୦॥**

ଭାଷ୍ୟ - ସହଜ ଯୋଗ ଦ୍ୱାରା ଅନୁପମ ଶବ୍ଦ ପ୍ରକାଶର ପ୍ରାପ୍ତି ହେବା ପରେ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ଜ୍ଞାନ ପ୍ରାପ୍ତ ହୋଇଥାଏ । ଏହା ଜୀବନ୍ମୁକ୍ତିର ଶୁଦ୍ଧ ସ୍ୱରୂପ ଅଟେ । ଯୋଗୀମାନଙ୍କର ଏହି ଆପ୍ତ ଅବସ୍ଥା ସର୍ବଶ୍ରେଷ୍ଠ ଅଟେ । ଏଭଳି ଯୋଗୀମାନଙ୍କର ବଚନ ଶବ୍ଦ ପ୍ରମାଣ ଅଟେ । ଏହାକୁ ଆପ୍ତ ବଚନ କହିଥାନ୍ତି ।

**କାରଣ ସୁକ୍ଷ୍ମ ସ୍ଥୁଲ ହୈ, ୟହ ଜଡ଼ ତୀନ ଶରୀର ।**
**ପ୍ରକୃତି ଆତମା ୟୋଗ ସେ, ଧାରଣ ହୋୟ ଅଧୀର ॥୪୧॥**

ଭାଷ୍ୟ - ପ୍ରକୃତି ଓ ଆତ୍ମାର ସମ୍ବନ୍ଧରୁ ସ୍ଥୁଳ, ସୂକ୍ଷ୍ମ ଏବଂ କାରଣ - ଏଭଳି ତିନି ଜଡ଼ ଶରୀର ହୋଇଥାଏ ।

**ପ୍ରକୃତି ପାର ଭ୍ରମୟୁକ୍ତ ହୈ, ସ୍ୱସତ୍ତା ନିଜ ଏହ ।**
**ମହ କାରଣ କୈୱଲ୍ୟ ହୈ, ୟହ ଦୋ ଚେତନ ଦେହ ॥୪୨॥**

ଭାଷ୍ୟ - ମହାକାରଣ ଏବଂ କୈବଲ୍ୟ - ଏ ଦୁଇ ପ୍ରକାରର ଜ୍ଞାନ ଦେହ ଚେତନ ଆତ୍ମାର ଶୁଦ୍ଧ ସ୍ୱରୂପ ହେବା ପରେ ପ୍ରାପ୍ତ ହୋଇଥାନ୍ତି, ଯେଉଁଠାରେ ଜଡ଼ ପ୍ରକୃତିର ସମ୍ବନ୍ଧ ନ ଥାଏ । ନିଜ ସ୍ୱରୂପରେ ଭ୍ରାନ୍ତି ହେବା ଫଳରେ ଏହା ଦେହ ଆତ୍ମାକୁ ପ୍ରାପ୍ତ ହୋଇଥାଏ । ତିନି ଦେହ ଜଡ଼ ହୋଇଥିବା ବେଳେ ଦୁଇ ଦେହ ଚେତନ ଅବସ୍ଥାରେ ଅଛନ୍ତି, ଯେତେବେଳେ ଆତ୍ମାକୁ ନିଜ ସ୍ୱରୂପରେ ଭ୍ରାନ୍ତି ହୋଇଯାଏ ।

**ନିରମଲ ଅରୁ ନିରଭ୍ରାନ୍ତି ହୈ, ଚିନ୍ମୟ ଶବ୍ଦ ସ୍ୱରୂପ ।**
**ମାନସ ଦେହୀ ହଁସ ହୈ, ମହିମା ଅମିତ ଅନୂପ ॥୪୩॥**

ଭାଷ୍ୟ - ଆତ୍ମାର ପବିତ୍ର ସ୍ୱରୂପରେ ଚେତନ ଶବ୍ଦ ସ୍ୱରୂପର ପ୍ରାପ୍ତି ହୋଇଥାଏ, ଯେଉଁଥିରେ ଆତ୍ମାକୁ କୌଣସି ପଦାର୍ଥର ଜ୍ଞାନ ନିମନ୍ତେ କୌଣସି ପ୍ରକାରର ବାଧା ରହି ନ ଥାଏ । ଏହା ସର୍ବଜ୍ଞାନ ପ୍ରଦାୟକ, ନିର୍ଭ୍ରାନ୍ତ ମାନସଦେହୀ ହଂସ ଅବସ୍ଥା ଅଟେ ଯାହାର ମହିମା ଅପାର ଏବଂ ଅନୁମପ ଅଟେ ।

# ଗୁଣକାରୀ ଧନିଆ

ଧନିଆରେ ଅଧିକ କ୍ୟାଲସିୟମ ରହିଥିବାରୁ ଖାଦ୍ୟ ରୂପେ ଏହାକୁ ଅଧିକରୁ ଅଧିକ ବ୍ୟବହାର କଲେ ଆଣ୍ଠୁଗଣ୍ଠି ଜନିତ ସମସ୍ୟା ଓ ହାଡ଼ ଜନିତ ସମସ୍ୟା ଦୂର ହୋଇଥାଏ ।

ମୁଖରୁ ଦୁର୍ଗନ୍ଧ ବାହାରୁଥିଲେ ଧନିଆ ପତ୍ର ରସକୁ ନିୟମିତ ଭାବେ କୁଳି କଲେ ତାହା ବନ୍ଦ ହୋଇଯାଏ ।



ସେହିପରି ଦାନ୍ତମୂଳରୁ ରକ୍ତ ବାହାରୁଥିଲେ ଓ ଏହା ଦୁର୍ବଳ ହେଉଥିଲେ ଧନିଆ ପତ୍ର ବାଟି ନିୟମିତ ଦାନ୍ତରେ ବ୍ୟବହାର କରନ୍ତୁ । ଏପରି କିଛି ଦିନ କଲେ ଦାନ୍ତମୂଳ ମଜଭୁତ ହେବା ସହ ରକ୍ତ ବାହାରିବା ମଧ ବନ୍ଦ ହୋଇଯାଏ ।

ଶିଶୁର କାଶ ଓ ଶ୍ୱାସ ରୋଗ ହୋଇଥିଲେ ଚାଉଳ ଧୁଆ ପାଣିରେ ୧ ଗ୍ରାମ ଧନିଆକୁ ବାଟି ସେଥିରେ ଚିନି ମିଶାଇ ପାନ କରାଇଲେ କାଶ ଓ ଶ୍ୱାସ ଭଲ ହୋଇଥାଏ ।

ସେହିପରି ଅଧ କପ୍ ଧନିଆ ପତ୍ର ରସ ସହ ଅଳ୍ପ ମିଶ୍ରି ମିଶାଇ ନିୟମିତ ସେବନ କଲେ କ୍ଷୁଧାବୃଦ୍ଧି ହେବା ସହ ଭଲ ନିଦ ଏବଂ ଗ୍ୟାସ ଜନିତ ସମସ୍ୟା ଦୂର ହୋଇଥାଏ ।

ବାତ ରୋଗ ହୋଇଥିଲେ ଦୁଇ ଗ୍ରାମ୍ ଧନିଆ, ଏକଗ୍ରାମ ଜିରା ଓ ଏକଗ୍ରାମ କଳାଜିରାକୁ ନେଇ ଗୁଣ୍ଡ କରି ଦିଅନ୍ତୁ । ଏହାକୁ ଗୁଡ଼ ପାକ ବିଧି ଅନୁସାରେ ପାକ କରିଲେ ବାତ ରୋଗ ଦୂର ହୋଇଥାଏ ।

## ଟିକିଏ ହସନ୍ତୁ

ଜଣେ ଅଶିକ୍ଷିତ ମହିଳା ନୂଆ ନୂଆ ଇଂଲିଶ ଶିଖୁଥାଆନ୍ତି । ଦିନେ ଫଳ ଦୋକାନକୁ ଯାଇ ଫଳ ବିକାଳିକୁ ଇଂଲିଶରେ କହିଲେ– ଗିଭ୍ ମି ସମ୍ ଡେଷ୍ଟ୍ରୟଡ୍ ହଜ୍‌ବ୍ୟାଣ୍ଡ ।
ଫଳ ଦୋକାନୀ : ମ୍ୟାଡାମ୍ ଆପଣ କ'ଣ କହୁଛନ୍ତି, ମୁଁ କିଛି ବୁଝିପାରୁନି ।
ମହିଳା : ତୁ ବୋଧେ ଇଂଲିଶ୍ ଶିଖିନୁ । ହଉ ମୁଁ ଓଡ଼ିଆରେ କହି ଦଉଛି ।
ଦୋକାନୀ : ଇଂଲିଶ୍ ଜାଣିଛି ଯେ, ଏଇ ଇଂଲିଶ ଟିକେ ବୁଝି ପାରିଲିନି ।
ମହିଳା : କି ବୋକାଟା ତୁ, ମୁଁ ପରା ତତେ ନାସ୍‌ପତି (ଡେଷ୍ଟ୍ରିୟଡ୍ ହଜ୍‌ବ୍ୟାଣ୍ଡ) ମାଗୁଛି ।
ଏତିକି ବୁଝିପାରୁନୁ ।

× × × ×



ଇଣ୍ଟରଭ୍ୟୁରେ ଯୁବକଙ୍କୁ ପଚରାଗଲା : ତୁମର ରିସ୍କ ଟେକିଂ କାପାସିଟି କେତେ ?
ଯୁବକ : ବହୁତ ।
ଇଣ୍ଟରଭ୍ୟୁ ନେଉଥିବା ବ୍ୟକ୍ତି : ଆମେ କେମିତି ଜାଣିବୁ ? ଉଦାହରଣ ସହ ବୁଝାଅ ।
ଯୁବକ : ମୁଁ ପରା ଠାକୁରଙ୍କୁ ଆର ଜନ୍ମରେ ବି ମୋ କଳିହୁଡି ସ୍ତ୍ରୀକୁ ସ୍ତ୍ରୀ ରୂପରେ ଚାହେଁ ବୋଲି ମାଗିଛି ।

× × × × ×

ଯୁବକ ଯୁବତୀଙ୍କୁ : ଆଇ ଲଭ୍ ୟୁ ।
ଯୁବତୀ : ମୁଁ ଯଦି ପ୍ରତି ଉତ୍ତରରେ ଆଇ ଲଭ୍ ୟୁ କହେ ତେବେ ତମେ କ'ଣ କରିବ ?
ଯୁବକ : ମୁଁ ତ ଖୁସିରେ ମରିଯିବି ।
ଯୁବତୀ : ଏମିତି କଥା, ତାହେଲେ ମୁଁ କହୁନି । ଜିଇଁ ଯାଅ ନିଜ ଜୀବନ ।

× × × × × ×

ମୋହନ : ସାଙ୍ଗ ଭାଉଜ ବାଁ ହାତିଆ କି ?
ସୂରଜ : ହଁ, ତତେ କେମିତି ଜଣା ?
ମୋହନ : କାରଣ ତୋର ଡାହାଣ ପଟ ଗାଲଟା ସିଝି ଯାଇଛି ।

× × × × ×

ଆକାଶର ତାରା ଦେଖି ସ୍ୱାମୀକୁ ସ୍ତ୍ରୀ ପଚାରିଲା : ଏମିତି କେଉଁ ଜିନିଷ ଅଛି ଯାହାକୁ ତୁମେ ସବୁଦିନ ଦେଖୁଛ ହେଲେ ଆଣିପାରୁନ ।
ସ୍ୱାମୀ : ଆମ ସାମ୍ନା ଘର ପଡ଼ୋଶୀ ।

× × × × ×

ସ୍ୱାମୀ : ବିଦା ହେବା ସମୟରେ ଝିଅମାନେ କାହିଁକି ଏତେ ଜୋର କାନ୍ଦନ୍ତି ?
ସ୍ତ୍ରୀ ; ଯଦି ଘରଠାରୁ ତୁମକୁ ଦୂରକୁ ନେଇ କିଏ ବାସନ ମଜେଇବ ତୁମେ କ'ଣ ନାଚିବ ?

× × × × ×

ଚାକର : ମ୍ୟାଡାମ ଘରକୁ ଅତିଥି ଆସିଛନ୍ତି । ସରବତ ବନାଇବା ପାଇଁ ଲେମ୍ବୁ ନାହିଁ କ'ଣ କରିବି ?
ମ୍ୟାଡାମ : ଆରେ ଡରୁଛୁ କ'ଣ ପାଇଁ ? ନ୍ୟୁ ଭିମ୍‌ବାରରେ ୧୦୦ଟି ଲେମ୍ବୁର ଶକ୍ତି ଅଛି । ସେଥିରୁ ଦୁଇ ବୁନ୍ଦା ଢାଳିଦେ ।

## କଞ୍ଚା ଆମ୍ବର ଉପକାରିତା

ଆମ୍ବ ଏକ ସୁସ୍ୱାଦୁ ଫଳ ତଥା ଫଳ ମାନଙ୍କ ଭିତରେ ରାଜା । ଆମ୍ବ କେବଳ ଖାଇବାକୁ ଭଲ ଲାଗିଥାଏ ତାହା ନୁହେଁ ଆମ୍ବ ଏକ ସ୍ୱାସ୍ଥ୍ୟପ୍ରଦ ଫଳ ମଧ୍ୟ । ଆମ୍ବ ଖାଇବା ଦ୍ୱାରା ଶରୀରର ଅନେକ ଉପକାର ହୋଇଥାଏ । କଞ୍ଚା ଆମ୍ବରେ ରହିଛି ଅନେକ ଉପକାରୀ ଗୁଣ ।

ଯଦି ଏସିଡିଟି କିମ୍ବା ଛାତିରେ ଜ୍ୱଳନ ହେଉଥାଏ ତେବେ ପ୍ରତିଦିନ ଗୋଟିଏ କଞ୍ଚା ଆମ୍ବ ଖାଆନ୍ତୁ । ଏହା ଏସିଡିଟିକୁ କମ୍ କରିଥାଏ ।

କଞ୍ଚା ଆମ୍ବ ଉର୍ଜା ପ୍ରଦାନ କରିଥାଏ । ଦି' ପହର ସମୟରେ ଆଳସ୍ୟ ଦୂର କରିବାକୁ ହେଲେ ଖାଇସାରିବା ପରେ କଞ୍ଚା ଆମ୍ବ ଖାଆନ୍ତୁ ।

ଲିଭର ସମ୍ବନ୍ଧୀୟ ରୋଗକୁ କଞ୍ଚା ଆମ୍ବ ଦୂର କରିବାରେ ସାହାଯ୍ୟ କରିଥାଏ । ପ୍ରତିଦିନ କଞ୍ଚା ଆମ୍ବ ଖାଇବା ଦ୍ୱାରା ବ୍ୟାକ୍ଟେରିଆ ସଂକ୍ରମଣ ହୋଇ ନ ଥାଏ ।

କଞ୍ଚା ଆମ୍ବରେ ଭିଟାମିନ୍ ସି' ରହିଥିବାରୁ ଶରୀରରେ ରକ୍ତ କମ୍ ହେବାକୁ ଦେଇ ନ ଥାଏ । କଞ୍ଚା ଆମ୍ବ ରକ୍ତ କୋଷିକା ତିଆରି ହେବାରେ ସାହାଯ୍ୟ କରିଥାଏ ।

ମଧୁମେହ ରୋଗୀଙ୍କ ଲାଗି କଞ୍ଚା ଆମ୍ବ ଉତ୍ତମ । ରକ୍ତ ଶର୍କରା ପରିମାଣ କମ୍ କରିଥାଏ ।

କଞ୍ଚା ଆମ୍ବ ଦାନ୍ତ ମାଢ଼ି ପାଇଁ ଉପକାରୀ । ପାଟି ଦୁର୍ଗନ୍ଧ ଓ ମାଢ଼ିରୁ ରକ୍ତ ଆଦି ସମସ୍ୟାକୁ ଦୂର କରିଥାଏ ।

ଏହା ରୋଗପ୍ରତିରୋଧକ କ୍ଷମତାକୁ ବଢ଼ାଇ ଶରୀରକୁ ସୁସ୍ଥ



ରଖିଥାଏ । ଗର୍ଭବତୀ ମହିଳା କଞ୍ଚା ଆମ୍ବ ଖାଇବା ଦ୍ୱାରା ମର୍ଣ୍ଣିଙ୍ଗସିକନେସ ଦୂର ହୋଇଥାଏ ।

କଞ୍ଚା ଆମ୍ବରେ ପଟାସିୟମ ଥିବାରୁ ଏହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ । ଏହାବାଦ୍ ଏଥିରେ ଥିବା ପେପଟିନ୍ ଏବଂ ଭିଟାମିନ୍ ସି' କୋଲେଷ୍ଟ୍ରୋଲକୁ କମ୍ କରିଥାଏ ।

ଭିଟାମିନ୍ ଏ' କଞ୍ଚା ଆମ୍ବରେ ଥିବାରୁ ଏହା ଚକ୍ଷୁ ପାଇଁ ଉତ୍ତମ । ଦୃଷ୍ଟି ଶକ୍ତି ବୃଦ୍ଧି କରିବାରେ କଞ୍ଚା ଆମ୍ବ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ ।

ଭିଟାମିନ୍ ସି' କଞ୍ଚା ଆମ୍ବରେ ଥିବାରୁ ଚର୍ମ ପାଇଁ ଉପକାରୀ । ଏକଜିମା ଏବଂ ବ୍ରଣ ପରି ଅନ୍ୟାନ୍ୟ ଚର୍ମ ସମସ୍ୟା ଭଲ କରେ ।

ଆମ୍ବରେ ବିଟା କ୍ୟାରୋଟିନ୍ ଥିବାରୁ ଏହା ଆଜମା ରୋଗ ଦୂର କରେ ।

## କ୍ୟାନସର ଦୂର କରିବ ସୋରିଷ ଶାଗ

ପଞ୍ଜାବରେ ସବୁଠାରୁ ଟେଷ୍ଟି ଡିସ୍ ହେଉଛି ସୋରିଷ ଶାଗ । କେବଳ ପଞ୍ଜାବ ନୁହେଁ ଅନ୍ୟ ରାଜ୍ୟମାନଙ୍କରେ ମଧ୍ୟ ସୋରିଷ ଶାଗ ଡିସ୍ ବେଶ୍ ପସନ୍ଦ କରିଥାନ୍ତି । ତେବେ ଏହା ଯେତିକି ପାଟି ସ୍ୱାଦିଆ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ସେତିକି ଭଲ । ଏଥିରେ ପ୍ରଚୁର ପରିମାଣରେ ଫାଇବର ରହିଥିବା ବେଳେ ଫ୍ୟାଟ କାର୍ବୋହାଇଡ୍ରେଟ୍ ସୁଗାର ପୋଟାସିୟମ ଭିଟାମିନ୍ ଏ, ସି, ଡି, ବି-୧୨ ମ୍ୟାଗ୍ନେସିୟମ ଆଇରନ ଓ କ୍ୟାଲସିୟମ ଭଳି ବହୁ ନ୍ୟୁଟ୍ରିସନ ରହିଛି । ଏମିତିକି ସୋରିଷ ଶାଗରେ ପ୍ରାୟ ୬ ପ୍ରକାର କ୍ୟାନସରକୁ ରୋକିବାର ଗୁଣ ରହିଛି ।

**ଦୃଷ୍ଟିଶକ୍ତି ବୃଦ୍ଧି:** ସୋରିଷ ଶାଗକୁ ଭିଟାମିନ୍ ଏ'ର ପାୱାର ହାଉସ କୁହାଯାଏ, ତେଣୁ ଏହା ଆଖିର ମାଂସପେଶୀକୁ କୌଣସି କ୍ଷତି ପହଞ୍ଚାଇବାକୁ ଦିଏ ନାହିଁ । ଏଥି ସହିତ ଆଖିର ଜ୍ୟୋତିକୁ ତେଜ କରିଥାଏ ।

**କ୍ୟାନସରରୁ ରକ୍ଷା କରେ:** ଶାଗରେ ଆଣ୍ଟିଅକ୍ସିଡାଣ୍ଟ ଗୁଣ ଭରପୁର ରହିଛି ଏହା ଶରୀରକୁ ଡିଟକ୍ସିଫାଏ କରି ରୋଗ ପ୍ରତିରୋଧକ କ୍ଷମତା ବଢ଼ାଇଥାଏ । ଏହାକୁ ଖାଇଲେ ୭ ପ୍ରକାର କ୍ୟାନସରରୁ ରକ୍ଷା ମିଳିଥାଏ ।



ଯଥା - ବ୍ଲାଡର, ପେଟ, ବ୍ରେଷ୍ଟ, ଫୁସଫୁସ୍, ପ୍ରୋଷ୍ଟେଟ ଓ ଓଭାରୀ କ୍ୟାନସର ଆଦିରୁ ରକ୍ଷା କରିଥାଏ । ସୋରିଷ ଶାଗରେ ରହିଥିବା ପୋଷକ ତତ୍ତ୍ୱ ଗୁଡ଼ିକ କ୍ୟାନସର କୋଷିକାକୁ ରୋକିବା ସହିତ ଏହା ରୋଗକୁ ବଢ଼ିବାକୁ ଦିଏ ନାହିଁ ।

**ହୃଦୟ ପାଇଁ ଲାଭ:** ଶାଗ ଖାଇବାରେ ଶରୀରର କୋଲେଷ୍ଟ୍ରଲ ସ୍ତର କମ୍ ଓ ଫୋଲେଟ ନିର୍ମାଣ ଅଧିକ ହୋଇଥାଏ । ଏଥିରେ ହାର୍ଟ ଆଟାକ ହେବାର ଭୟ ଦୂର ହୋଇଥାଏ । କାହିଁକି ନା ଏହି ରୋଗ ହାଇପରଟେନେଶନ ଓ ହୃଦୟ ସମ୍ବନ୍ଧରୁ ହୋଇଥାଏ । କିନ୍ତୁ ସୋରିଷ ଶାଗ ଖାଇବା ଫଳରେ ଏହି ରୋଗ ଦୂର ହୋଇଥାଏ ।

## ଆପଣ ଜାଣନ୍ତି କି ?

- ସମ୍ରାଟ ନେପୋଲିଅନ୍ 'ମାରେଙ୍ଗୋ' ନାମକ ଘୋଡ଼ା ଚଢ଼ୁଥିଲେ ।
- କ୍ଲଡ ମୋନେଟ ପ୍ରସିଦ୍ଧ ଚିତ୍ର 'ଇମ୍ପ୍ରେସନ, ସନରାଇଜ୍' ଆଙ୍କିଥିଲେ ।
- ଭାରତୀୟ ପାର୍ଲାମେଣ୍ଟ ଭବନର ଫଟୋ ୫୦ ଟଙ୍କିଆ ନୋଟରେ ରହିଛି ।
- ପ୍ୟାରିସ୍ ସିନ୍ ନଦୀ କୂଳରେ ଅବସ୍ଥିତ ।
- କେରଳର ସାବରୀମାଳା ତୀର୍ଥଯାତ୍ରା ଏରୁମେଲି ଗାଁରେ ଆରମ୍ଭ ହୁଏ ଓ ଉତ୍ତର ପଶ୍ଚିମରେ ୬୧ କି.ମି ଯାଏଁ ଚାରିଦିନ ପର୍ଯ୍ୟନ୍ତ ପଦଯାତ୍ରାରେ ଚାଲେ ।
- ଆଲେକଜାଣ୍ଡାର ଖ୍ରୀ.ପୂ ୩୨୬ ରେ ଭାରତ ଆକ୍ରମଣ କରିଥିଲେ ।
- ଗଣେଶଙ୍କ ପତ୍ନୀଙ୍କ ନାମ ହେଲା ସିଦ୍ଧି ।
- ଆମେରିକୀୟ ମେକାନିକ ୱାଲଟର ହଣ୍ଟ ସେଫ୍‌ଟିପିନ୍ ଉଦ୍ଭାବନ କରି ତା'ର ପାଟେଣ୍ଟ କରିଥିଲେ । ସେ ମଧ୍ୟ ସିଲେଇ ମେସିନ ଉଦ୍ଭାବନ କରିଥିଲେ ।
- ହକି ଟୋକିଓର ୧୯୫୮ ରେ ଅନୁଷ୍ଠିତ ଏସିଆନ୍ ଗେମ୍‌ସରେ ପ୍ରଥମେ ଆରମ୍ଭ ହୋଇଥିଲା ।
- ଭାରତର ୯୫% ଚା' କେବଳ ଚାରୋଟି ରାଜ୍ୟ ଆସାମ, ପଶ୍ଚିମବଙ୍ଗ, ତାମିଲନାଡୁ ଓ କେରଳରେ ଉତ୍ପାଦିତ ହୁଏ ।
- ଆସାମରେ ଦେଶର ସର୍ବାଧିକ ଚା' ବଗିଚା ଅଛି । ସେଠାରେ ଦେଶର ଅଧା ଚା' ଉତ୍ପାଦିତ ହୁଏ ।
- କେ-୨ ପର୍ବତ ୧୮୫୬ ରେ କର୍ଣ୍ଣେଲ ଟି.ଜି. ମଣ୍ଟଗୋମେରୀ (ବ୍ରିଟିଶ ସର୍ଭେ ଅଫ୍ ଇଣ୍ଡିଆ) ଙ୍କ ଦ୍ୱାରା ଆବିଷ୍କୃତ ହୋଇ ମପାଯାଇଥିଲା ।

## ସୁସ୍ଥ ଶରୀର ପାଇଁ ମହୁ

ବହୁ ଲାଭଦାୟକ ଅଟେ ମହୁ । ମହୁରେ ବିଭିନ୍ନ ଗୁଣ ଭରପୁର ହୋଇ ରହିଥାଏ । ଛୋଟ ଶିଶୁଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ମହୁକୁ ବ୍ୟବହାର କରି ପାରିବେ । ମହୁରେ କାର୍ବୋହାଇଡ୍ରେଡ୍, ପ୍ରୋଟିନ୍, ଭିଟାମିନ୍-ବି, ସି, ଲୌହ, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଫସ୍ଫରସ୍, ପୋଟାସିୟମ୍, ସୋଡିୟମ ଭଳି ବହୁ ମହତ୍ତ୍ୱପୂର୍ଣ୍ଣ ଭିଟାମିନ୍ ପ୍ରଚୁର ପରିମାଣରେ ରହିଅଛି ।



ମହୁରେ ଭିଟାମିନ୍, ଆମିନୋ ଏସିଡ୍, ପ୍ରୋଟିନ୍ ଏବଂ ଖଣିଜ ପଦାର୍ଥ ବିପୁଳ ପରିମାଣରେ ରହିଅଛି । ଯାହା ଶରୀର ପାଇଁ ବେଶ୍ ଉପକାରୀ ହୋଇଥାଏ ।

ମହୁରେ ଔଷଧୀୟ ଗୁଣ ରହିବା ସଙ୍ଗେ ସଙ୍ଗେ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ୍ୟ ଏହାକୁ ବ୍ୟବହାର କରାଯାଇଥାଏ ।

ଛୋଟ ପିଲାଙ୍କ କାଶକୁ ଦୂର କରିବାକୁ ହେଲେ ଅଦାରସ ଏବଂ ଅଳ୍ପ ମହୁକୁ ଭଲ ଭାବରେ ମିଶାଇ ସେବନ କରିବାକୁ ଦିଅନ୍ତୁ । ଏହା ଦ୍ୱାରା ଆରାମ ମିଳିଥାଏ ।

ଯଦି ଶୁଖିଲା କାଶ ହେଉଛି ତେବେ ମହୁ ଏବଂ ଲେମ୍ବୁ ରସ ବ୍ୟବହାର କରନ୍ତୁ ଉପକାର ମିଳିବ ।

ଯଦି ଆପଣଙ୍କ ଅରୁଚି ଲାଗୁଥାଏ କିମ୍ବା ବାନ୍ତି ହେଉଥାଏ, ତେବେ ମହୁ ବ୍ୟବହାର କରନ୍ତୁ ।

ଆପଣ ଯଦି ନିଜର ଓଜନକୁ ବଢ଼ାଇବାକୁ ଚାହାନ୍ତି, ତେବେ ରାତିରେ ଶୋଇବା ପୂର୍ବରୁ କ୍ଷୀରରେ ଅଳ୍ପ ମହୁକୁ ମିଶାଇ ପିଅନ୍ତୁ ।

## ଲିଭରକୁ ସୁସ୍ଥ ରଖେ ମନ୍ଦାର ଫୁଲ

ଫୁଲର ବାସ୍ନା ଓ ଏହାର ସୌନ୍ଦର୍ଯ୍ୟକୁ ସମସ୍ତେ ଭଲ ପାଇଥାନ୍ତି । ଏହା କେବଳ ଠାକୁର ପୂଜା କିମ୍ବା ଘର ସଜାଇବା କାମରେ ଲାଗିଥାଏ ତାହା ନୁହେଁ, ଆହୁରି ମଧ୍ୟ ଫୁଲ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ମହୌଷଧୀ ଭଳି କାମ କରିଥାଏ । ଆସନ୍ତୁ ଜାଣିବା ଫୁଲ କେଉଁ ସବୁ କାମରେ ଆସିଥାଏ ।



**ମନ୍ଦାର ଫୁଲ:** ମନ୍ଦାର ଫୁଲ ସ୍ୱାସ୍ଥ୍ୟ ପାଇଁ ଖୁବ୍ ଉପକାରୀ । ଏଥିରେ ଆଣ୍ଟିଅକ୍ସିଡାଣ୍ଟ ଭରପୁର ମାତ୍ରାରେ ରହିଛି । ଫଳରେ ଏହି ଫୁଲ କୋଲେଷ୍ଟ୍ରୋଲ ସ୍ତରକୁ ନିୟନ୍ତ୍ରିତ କରିବାରେ ସହାୟକ ହୋଇଥାଏ । ଏହା ଲିଭରର ସମସ୍ତ ସମସ୍ୟାକୁ ମଧ୍ୟ ଦୂର କରିଥାଏ । କେଶକୁ ଘନ ଓ କଳାକରେ ଏବଂ ତ୍ୱଚାରେ ଉଜ୍ଜ୍ୱଳତା ଆଣି ଦେଇଥାଏ ।

**ଗୋଲାପ:** ଗୋଲାପ ଫୁଲକୁ ସମସ୍ତେ ଭଲ ପାଇଥାନ୍ତି । ଏହାର ସୌନ୍ଦର୍ଯ୍ୟ ବାସ୍ନା ସଭିଙ୍କୁ ଆକର୍ଷିତ କରିଥାଏ । ଏଥି ସହିତ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ଗୋଲାପ ଖୁବ୍ ଉପକାରୀ । ଏହାର ପାଖୁଡ଼ା ପାଚନ କ୍ରିୟାରେ ସୁଧାର ଆଣିଥାଏ । ଏଥିସହିତ ଭିଟାମିନ୍ 'ଇ' ଓ 'ଏ'ର ଭରପୁର ଗୋଲାପ । ଏହା ତ୍ୱଚାକୁ ସୁନ୍ଦର କରିବାରେ ମୁଖ୍ୟ ଭୂମିକା ନେଇଥାଏ ।

**ଅପରାଜିତା:** ଏହି ଫୁଲର ପତ୍ର ଚା'ରେ ମିଶାଇ ପିଇବା ଫଳରେ ଖୁବ୍ ଲାଭ ମିଳିଥାଏ । ଏହା ପାଚନ କ୍ରିୟାକୁ ବୃଦ୍ଧି କରିବା ସହିତ ଚାପ ବି ଚିନ୍ତା ମୁକ୍ତ କରିଥାଏ । ଏଥି ସହିତ ଉତ୍ତମ ନିଦ ଦେବାରେ ସହାୟକ ହୋଇଥାଏ ।

**ସାବଧାନ:** କୌଣସି ମଧ୍ୟ ଫୁଲକୁ ସେବନ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଖୁବ୍ ଜରୁରୀ । ବିନା ପରାମର୍ଶରେ କୌଣସି ଫୁଲକୁ ଡାଏଟରେ ସାମିଲ କରିବା ଉଚିତ ନୁହେଁ । ଏମିତି ବହୁତ ଫୁଲ ରହିଛି ଯାହାକି ଆଦୌ ସ୍ୱାସ୍ଥ୍ୟକର ନୁହେଁ ଏଥିପାଇଁ ସାବଧାନ ରହିବା ଉଚିତ ।

## କହିପାରିବେ କି ?

(୧) ଆଧୁନିକ ରସାୟନ ବିଜ୍ଞାନର ଜନକ ଭାବେ କିଏ ପରିଚିତ ?
(୨) ଅନ୍ତରୀକ୍ଷକୁ ଯାଇଥିବା ଚୀନ ପ୍ରଥମ ବ୍ୟକ୍ତି କିଏ ?
(୩) ଭାରତର ପ୍ରଥମ ବୈଜ୍ଞାନିକ ଉପଗ୍ରହର ନାମ କ'ଣ ?
(୪) ମାନବ ସ୍ୱେଦରୁ କେଉଁ ଉପାଦାନ ନିର୍ଗତ ହୋଇଥାଏ ?
(୫) ମାନବ ଶରୀରରେ କେତେ ରକ୍ତ ଅଛି ?
(୬) କେଉଁ ବିମାନକୁ ନିକଟରେ ବାଣିଜ୍ୟିକ ଉଡାଣର ମଞ୍ଜୁରି ମିଳିଥିଲା ?
(୭) ନିକଟରେ ଚାଇନା ଦ୍ୱାରା କେତୋଟି ରିମୋଟ୍ ସାଟେଲାଇଟ୍ସ ଲଞ୍ଚ କରାଯାଇଛି ?
(୮) ଜଏଣ୍ଟ ପୋଲାର ସାଟେଲାଇଟ୍ ସିଷ୍ଟମ-୧ କିଏ ଲଞ୍ଚ କରିଛି ?
(୯) ୨୦୧୮ ବିଶ୍ୱ ବିଶ୍ୱବିଦ୍ୟାଳୟ ର୍ୟାଙ୍କିଂରେ କେଉଁ ୟୁନିର୍ଭସିଟିର ସ୍ଥାନ ସବୁଠୁ ଉର୍ଦ୍ଧ୍ୱରେ ଥିଲା ?
(୧୦) ଥ୍ରୀଡି ପ୍ରିଣ୍ଟେଡ୍ ସଫ୍ଟ ସିଲିକନ୍ ହାର୍ଟ କେଉଁ ଦେଶର ବୈଜ୍ଞାନିକମାନେ ବିକଶିତ କରିଛନ୍ତି ?

### JUMBLE WORDS

| | | | |
|---|---|---|---|
| 1) LAZTOE | = | 6) RBUYL | = |
| 2) NIHEW | = | 7) SHCUR | = |
| 3) RPTAA | = | 8) DMIEDL | = |
| 4) CPIRST | = | 9) VLARGE | = |
| 5) DBOYNO | = | 10) SEYZT | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ପାକିସ୍ଥାନର, ୨.ବିଧାନସଭା, ୩.୧୯୫୫ ଏପ୍ରିଲ, ୪.ସାମରିକ, ୫.ଭାରତ ଓ ଚୀନ, ୬.ଭୁଟାନ, ୭.ଭୁଟାନ, ୮.୧୯୭୫ବ, ୯.୧୯୦୬ ମସିହା ସେପ୍ଟେମ୍ବର ୧୧ ତାରିଖରେ ଜୋହନସବର୍ଗର ଏମ୍ପାୟାର ଠାରେ, ୧୦.୧୯୨୨ ମସିହାରେ ।

***Jumble Words* ର ଉତ୍ତର :-**

(1) HABIT (2) QUEEN (3) PURIFY (4) SILKY (5) IGLOO
(6) MATTER (7) SENTRY (8) UNFIT (9) HOUND (10) HOAGIE

# ସମ୍ବଲପୁର ମହିଳା କଲେଜକୁ ବିଶ୍ୱବିଦ୍ୟାଳୟରେ ପରିଣତ ପାଇଁ ଦାବି

ସମ୍ବଲପୁର : ସମ୍ବଲପୁର ସରକାରୀ ମହିଳା ମହାବିଦ୍ୟାଳୟକୁ ମା' ସମଲେଶ୍ୱରୀଙ୍କ ନାମରେ ମହିଳା ବିଶ୍ୱବିଦ୍ୟାଳୟରେ ପରିଣତ କରିବାକୁ ମା' ସମଲେଶ୍ୱରୀ ମହିମା ପ୍ରଚାର ସମିତି ଦାବି କରିଛି ।

ସମିତିର ଆବାହକ ସାମ୍ବାଦିକ ତ୍ରିବିକ୍ରମ ପ୍ରଧାନ କୁଳାଧିପତି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏବଂ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟକୁ ପଠାଇଥିବା ଦାବି ପତ୍ରରେ କହିଛନ୍ତି ଯେ, ରାଜ୍ୟ ସରକାର ଉଚ୍ଚ ଶିକ୍ଷାର ବିକାଶ ପାଇଁ ଏବେ ଅନେକ ପଦକ୍ଷେପ ନେଉଛନ୍ତି । ରାଜ୍ୟର ଏକାଧିକ ମହାବିଦ୍ୟାଳୟକୁ ବିଶ୍ୱବିଦ୍ୟାଳୟର ମାନ୍ୟତା ଦିଆଯାଇଛି । ସେହିପରି ସରକାର ନାରୀ ଶିକ୍ଷା ଓ ମହିଳା ସଶକ୍ତୀକରଣକୁ ବି ଗୁରୁତ୍ୱ ଦେଉଛନ୍ତି । ଏହି କ୍ରମରେ ଓଡ଼ିଶାର ଅନ୍ୟତମ ସର୍ବପୁରାତନ ମହିଳା ମହାବିଦ୍ୟାଳୟଭାବେ ସମ୍ବଲପୁର ସରକାରୀ ମହିଳା କଲେଜ୍ ବିଶ୍ୱବିଦ୍ୟାଳୟ ମାନ୍ୟତା ପାଇବାକୁ ସମସ୍ତ ଯୋଗ୍ୟତା ରଖେ । ୬୪ ବର୍ଷ ତଳେ ସ୍ଥାପିତ ଏହି ମହାବିଦ୍ୟାଳୟର ଉନ୍ନତ ଓ ଉଚ୍ଚସ୍ତରୀୟ ଶିକ୍ଷା ପ୍ରଦାନର ଇତିହାସ ରହିଛି । ଏହି ମହାବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ଅନେକ ଛାତ୍ରୀ ଦେଶ ବିଦେଶରେ ପ୍ରତିଷ୍ଠିତ ହୋଇଛି । ରାଜ୍ୟ ବିଧାନସଭାରୁ ନେଇ ଲୋକସଭା ପର୍ଯ୍ୟନ୍ତ ସବୁଠି ଏଠାରୁ ଉତ୍ତୀର୍ଣ୍ଣ ଛାତ୍ରୀଙ୍କର ପ୍ରତିନିଧିତ୍ୱ ରହିଛି ।

ସମ୍ବଲପୁର ସହରର କେନ୍ଦ୍ରସ୍ଥଳରେ ଅବସ୍ଥିତ ଏହି ମହାବିଦ୍ୟାଳୟର ଯଥେଷ୍ଟ ପରିମାଣର ନିଜସ୍ୱ ଜମି ମଧ ରହିଛି । ଗତ ବର୍ଷଠାରୁ ଏଠାରେ ସମସ୍ତ ବିଷୟରେ ସ୍ନାତକୋତ୍ତର ପାଠ୍ୟକ୍ରମ ମଧ ଖୋଲିଛି । ତେଣୁ ବିଶ୍ୱବିଦ୍ୟାଳୟ ଭାବେ ଉନ୍ନୀତ ହେବାର ସବୁ ଯୋଗ୍ୟତା ଏହି ମହାବିଦ୍ୟାଳୟର ରହିଛି । ଯେହେତୁ ସରକାର ଯୋଜନାରେ ମା' ସମଲେଶ୍ୱରୀଙ୍କ କ୍ଷେତ୍ରର ବିକାଶ କାର୍ଯ୍ୟ ହାତକୁ ନେଇଛନ୍ତି, ତେଣୁ ମା'ଙ୍କ ନାମରେ ବିଶ୍ୱବିଦ୍ୟାଳୟ ହେଲେ ଏହା ସମ୍ବଲପୁର ସହରରେ ଶିକ୍ଷା ଓ ନାରୀ ଶକ୍ତିର ବିକାଶ କ୍ଷେତ୍ରରେ ଏକ ବଳିଷ୍ଠ ପଦକ୍ଷେପ ସାବ୍ୟସ୍ତ ହେବ । ସେଥି ପାଇଁ ସରକାର ଏହାକୁ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ଦିଗରେ ସକାରାତ୍ମକଭାବେ ବିଚାର କରନ୍ତୁ ବୋଲି ଶ୍ରୀ ପ୍ରଧାନ ଦାବି କରିଛନ୍ତି ।

ଦାବିପତ୍ରରେ ଆହୁରି କୁହାଯାଇଛି ଯେ, ଉତ୍ତର ପ୍ରଦେଶର ସାହାରନପୁରରେ ମା' ଶାକୁମ୍ବରୀ ବିଶ୍ୱବିଦ୍ୟାଳୟ ରହିଛି । ସେହିଭଳି ସମ୍ବଲପୁରରେ ମା' ସମଲେଶ୍ୱରୀଙ୍କ ନାମରେ ମହିଳା ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯାଉ । ମା' ସମଲେଶ୍ୱରୀଙ୍କ ମହିମା କେବଳ ସମ୍ବଲପୁର ବା ପଶ୍ଚିମ ଓଡ଼ିଶାରେ ସୀମିତ ନୁହେଁ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ୪ଟି ରାଜ୍ୟରେ ମା' ସମଲେଶ୍ୱରୀଙ୍କର ୩୦୦ରୁ ଅଧିକ ମନ୍ଦିର ରହିଛି । ମା' ସମଲେଶ୍ୱରୀ ମହିମା ପ୍ରଚାର ସମିତି ସାରା ଦେଶରେ ମା'ଙ୍କ ମହିମା ପ୍ରଚାର ଦିଗରେ କାର୍ଯ୍ୟ କରୁଛି । ମା'ଙ୍କ ନାମରେ ବିଶ୍ୱବିଦ୍ୟାଳୟ ସ୍ଥାପନ ଦ୍ୱାରା ଶିକ୍ଷାର ବିକାଶ ସହ ମା'ଙ୍କ ମହିମା ସର୍ବବିଦିତ ହୋଇପାରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

## ଟାଟା ପାୱାର ତରଫରୁ ଯକ୍ଷ୍ମାରୋଗୀଙ୍କୁ ସୁଷମ ଖାଦ୍ୟ ବଣ୍ଟନ

ସୋନପୁର : ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ଆକଳନ କରିବା ସହିତ ବରଗଡ ଜିଲ୍ଲା କୁ ଟାଟା ପାୱାର କମ୍ପାନୀ ପୌଷ୍ୟ ଜିଲ୍ଲାଭାବେ ଗ୍ରହଣ କରି ଇତିମଧ୍ୟରେ ଅନେକ ସ୍ଥାନରେ ସୁଷମ ଖାଦ୍ୟ ବଣ୍ଟନ ପ୍ରକ୍ରିୟା ଜାରି ରଖିଛି । ଏ ପରିପ୍ରେକ୍ଷୀରେ ବରଗଡ ଜିଲ୍ଲା ଅଧିନସ୍ଥ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ସ୍ଥିତ ସଭାଗୃହ ଠାରେ ବିଜେପୁର ବରିଷ୍ଠ ଚିକିତ୍ସା ପର୍ଯ୍ୟବେକ୍ଷକ(ଯକ୍ଷ୍ମା) ଦେବାଶିଷ ଦେବତାଙ୍କ ଅଧକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଜେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସୁଶାନ୍ତ ମେହେର ସ ମ୍ମାନିତ ଅତିଥି ଭାବେ ଜନସ୍ୱାସ୍ଥ୍ୟ ସଂପ୍ରସାରଣ ଅଧିକାରୀ ସୁଦାମ ଚରଣ ପାଣିଗ୍ରାହୀ, ବିଡିଏମ ନାରାୟଣ ପାଢ଼ୀ, ମହିଳା ପରିଦର୍ଶିକା ଶ୍ରୀମତୀ କବିତାଞ୍ଜଳୀ ଦାଶ ଏବଂ ବିଜେପୁରର ବରିଷ୍ଠ ସାମ୍ବାଦିକ ପାଣ୍ଡବ ପଧାନ ଯୋଗଦାନ କରି ଯକ୍ଷ୍ମା ରୋଗ ସମ୍ପର୍କରେ ଭାଷଣ ଦେଇଥିଲେ । ଚିହ୍ନଟ ୪୬ ଜଣ ଯକ୍ଷ୍ମା ରୋଗୀଙ୍କ ମଧରୁ ୪୧ ଜଣ ରୋଗୀ ଙ୍କୁ ପ୍ରଥମ ମାସର ଟାଟା ପାୱାର କମ୍ପାନୀ ପକ୍ଷରୁ ପ୍ରେରିତ ସୁଷମ ଖାଦ୍ୟ ବଣ୍ଟନ କରାଯାଇଥିଲା । ଏହି ସହାୟତା ଚିକିତ୍ସାଧିନ ଯକ୍ଷ୍ମା ରୋଗୀ ଙ୍କୁ ପ୍ରତ୍ୟକ ମାସ ରେ ପ୍ରଦାନ କରାଯିବ ବୋଲି ଟାଟା ପାୱାର କମ୍ପାନୀ ପକ୍ଷରୁ ଜଣାପଡିଛି । ରକ୍ତ କଫ ପ୍ରଶିକ୍ଷକ ପ୍ରଦୀପ କୁମାର ରାଉତ ଓ ବାସନ୍ତି ବାରିକ ଏ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ବିଜେପୁର ସି.ଏଚ.ସି ର ପୁରାତନ ଯକ୍ଷ୍ମା ରୋଗୀ ପ୍ରମୋଦ ମେହେର ଏବଂ କୈଳାସ ଭୁଏ କ୍ଷୟକ୍ଷ୍ମାରୋଗକୁ ହରାଇ ଆଜିକାର ଦିବସରେ ସେମାନେ ସୁସ୍ଥ ସବଳ ହୋଇ ଯକ୍ଷ୍ମା ରୋଗ ଏକ ବ୍ୟାଧି ନୁହେଁ,ଆମେ ଯଦି ସଚେତନ ହେବା ଓ ପ୍ରତ୍ୟହ ଡାକ୍ତରୀ ପରାମର୍ଶ ଅନୁସାରେ ଔଷଧ ସେବନ କରିବା ତେବେ ଦେଶରୁ ଯକ୍ଷ୍ମାରୋଗ ମୁକ୍ତ କରିପାରିବା ବୋଲି ଆହ୍ୱନ ଦେଇଥିଲେ । ଶେଷରେ ବିଡିଏମ ଶ୍ରୀ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

## ସୋନପୁରରେ ବ୍ଲକସ୍ତରୀୟ ଅଭିଯୋଗ ଶୁଣାଣି ଶିବିର

ସୋନପୁର : ସୋନପୁର ବ୍ଲକସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅବୋଲି ସୁନୀଲ ନରୱଣେ, ଏସ୍.ପି ଅମରେଶ ପଣ୍ଡା ଯୋଗଦେଇ ବିଭିନ୍ନ ଅଭିଯୋଗ ଶୁଣାଣି କରିଥିଲେ । ୧୫ଟି ଅଭିଯୋଗ ପଞ୍ଜୀକୃତ, ୩ ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା । ଅନ୍ୟ ଅଭିଯୋଗ ଗୁଡିକ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ପ୍ରଦାନ କରାଯାଇଥିଲା । ସୋନପୁର ବିଡିଓ ସୌମ୍ୟରଞ୍ଜନ ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ନିହାର ରଞ୍ଜନ କହଁର, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ବିଶ୍ୱରଞ୍ଜନ ପତି, ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ସୁରେଶ ପାଣିଗ୍ରାହୀ, ଅବକାରୀ ଅଧୀକ୍ଷକ ସୁମତି ତିପାଠୀ, ସୋନପୁର ତହସିଲଦାର ନବୀନ କିଶୋର ପାଢ଼ୀ, ଜିଲ୍ଲା ଶ୍ରମ ଅଧିକାରୀ ତିଲେଶ୍ୱର ଖାଖା, ସୋନପୁର ପୌର ନିର୍ବାହୀ ଅଧିକାରୀ ସୂର୍ଯ୍ୟାଂଶୁ ରୁଟଙ୍କ ସମେତ ବିଭିନ୍ନ ଅଧିକାରୀ ଉପସ୍ଥିତ ଥିଲେ ।

## ସୋନପୁର କଲେଜ ଏନସିସି ପକ୍ଷରୁ ସାପ୍ତାହିକ ସଫେଇ ଓ ପଲିଥିନ ମୁକ୍ତ ଅଭିଯାନ

ସୁବର୍ଣ୍ଣପୁର : ପବିତ୍ର ମହା ଶିବରାତ୍ରି ଅବସର ରେ ସ୍ୱଚ୍ଛ ଭାରତ ସଂଗଠନ ଓ ସୋନପୁର କଲେଜ ଏନସିସି ପକ୍ଷରୁ ଏକ ସପ୍ତାହ ପୂର୍ବରୁ ସୁବର୍ଣ୍ଣପୁର ସହରର ପଟାଭାଡି ଲୋକନାଥ ଶୈବ ପୀଠ, ସୁବର୍ଣ୍ଣମେରୁ, ସୁରେଶ୍ୱରୀ ପୀଠ, ଗୋକୋନେଶ୍ୱର ମନ୍ଦିର, ମନମୁଣ୍ଡା ସୁବର୍ଣମେରୁ ଶୈବ ପୀଠ ସମେତ ଶ୍ରୀ ରାମେଶ୍ୱର ଶୈବ ପୀଠ ଠାରେ ସଫେଇ ଓ ପଲିଥିନ ମୁକ୍ତ ଅଭିଯାନ ଆରମ୍ଭ କରଯାଇଥିଲା । ସ୍ୱଚ୍ଛ ଭାରତ ସଂଗଠନର ଉପଦେଷ୍ଟା ଗରିବ ଲୋଇ, ଇନ୍ଦୁ ମତି ପୁରୋହିତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନୋରଞ୍ଜନ ତ୍ରିପାଠୀ ଓ ଏନସିସି ଲେଫଟ୍‌ନେଣ୍ଟ ଆଶିଷ ଆଗ୍ରୱାଲାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଗଣେଶ ମିଶ୍ର, ଦିଲ୍ଲୀପ ଭୁକ୍ତା, ଗୋକୁଳ ଠାକୁର, ସିମାଞ୍ଚଳ ହୋତା, ଜୟନାରାୟଣ ସାହୁ, ତ୍ରିଲୋଚନ ତରିଆ, ତରଣୀ ମେହେର, ରାମୁ ତିୱାର, ସୁଶାନ୍ତ ସାହୁ, ଡା, ସରୋଜ ପଟେଲ, ଲଡୁ କିଶୋର ମଲ୍ଲିକ, ଜୟନ୍ତ ବେହେରା, ପ୍ରଫୁଲ୍ଲ ନାଏକ, ନାରାୟଣ ରଥ, ପ୍ରତାପ ଦାଶ, କ୍ରୀଷ୍ଣା ମେହେର, ଅମର ଭୁତ, କୃଷ୍ଣ ଚନ୍ଦ୍ର ବିଶି, ପ୍ରମୋଦ ସାହୁ, ରାମ ଚନ୍ଦ୍ର ଅଗ୍ରୱାଲା, ଅଶୋକ ହୋତା, ପ୍ରହଲ୍ଲାଦ ମିଶ୍ର, ଏନସିସିର ଶିରୋମଣି, ସୁବ୍ରତ, ଆଲୋକ ପ୍ରମୁଖ ସମସ୍ତ ସକ୍ରିୟ ସଦସ୍ୟ ଅଂଶ ଗ୍ରହଣ କରିଥିଲେ ।

## ସୁକୁଡ଼ା ୟୁପି ସ୍କୁଲର ବାର୍ଷିକ ଉତ୍ସବ

ବରଗଡ଼ : ସୁକୁଡା ସରକାରୀ ପ୍ରାଥମିକ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେରେ ଜାରା ବାରିକ ମୁଖ୍ୟ ଅତିଥି, ଏବିଓ ଭଟିଲି



ରାଜକୁମାର ସାହୁ ମୁଖ୍ୟ ବକ୍ତା, ଆନ୍ତର୍ଜାତୀୟ କ୍ରୀଡାବିତ ଶ୍ରୀ ସନ୍ତୋଷ କୁମାର ପ୍ରଧାନ, ଜନ କଲ୍ୟାଣ ସେବା ଟ୍ରଷ୍ଟର ସଭାପତି ଶ୍ରୀ ମୁକୁନ୍ଦ ଦାଶ, ବୀରେନ୍ଦ୍ର ପାଣ୍ଡେ, (ସିଆସିଇ), ପ୍ରହଲ୍ଲାଦ ଭୋଇ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ପରେ ପରେ ଛାତ୍ର ମାନଙ୍କ ଦ୍ୱାରା ନୃତ୍ୟ ଓ ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିରୂପାକ୍ଷ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ ।

## ଜିଲ୍ଲା ସ୍କୁଲର ବାର୍ଷିକ କ୍ରୀଡା ଉତ୍ସବ

ସମ୍ବଲପୁର : ଚନ୍ଦ୍ରଶେଖର ବେହେରା ଜିଲ୍ଲା ସ୍କୁଲର ୧୫୯ତମ ବାର୍ଷିକ କ୍ରୀଡା ଉତ୍ସବ ଭିଏସ୍ଏସ୍ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହୋଇଯାଇଛି । ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ସୌରେନ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ପୁରାତନ ଛାତ୍ର ପ୍ରମୋଦ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି, ପୁରାତନ ଛାତ୍ର ସଂସଦର ସଭାପତି ଶଶାଙ୍କ ଶେଖର ପୁରୋହିତ, ଶ୍ରୀମତୀ ପଦ୍ମାସିନୀ ପାଢ଼ୀ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ସାହେବ ଖମାରୀ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ବାଳକ ସବ୍ ଜୁନିୟର ବିଭାଗରେ ରିଚାର୍ଡ ବାର୍ଲା, ବାଳକ ଜୁନିୟର ବିଭାଗରେ ରାହୁଲ କୁସୁମା ଓ ବାଳିକା ବିଭାଗର ସବିତା ତବସୁମ୍, ସିନିୟର ବାଳକରେ ଏମ୍‌ଡି ସୋହେବ ଓ ବାଳିକା ବିଭାଗରେ ଗୋରୀ ମୁଣ୍ଡା ଚାମ୍ପିୟନ ହୋଇଛନ୍ତି । ମାଷ୍ଟର୍ସ ଆଥଲେଟ୍ ସୁନ୍ଦରମଣି ବାରିକ, ମଣି ବେଜୀ ଏବଂ ସୁମିତ୍ରା ଛତ୍ରିଆ ପ୍ରମୁଖ ଏଥିରେ ଯୋଗ ଦେଇଥିଲେ । ବରିଷ୍ଠ ଶିକ୍ଷକ କୁଳମଣି ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।

## ସର୍ବନିମ୍ନ ୨୫ ହଜାର ଟଙ୍କା ପ୍ରଦାନ ଦାବି କଲା ଏଚ୍ଏମଏସ୍

ଭୁବନେଶ୍ୱର : ରାଜ୍ୟର ବିଭିନ୍ନ ସରକାରୀ ଓ ବେସରକାରୀ ସଂସ୍ଥାରେ ଆଉଟସୋର୍ସିଂରେ କାର୍ଯ୍ୟରତ ପ୍ରାୟ ଅଢ଼େଇ ଲକ୍ଷ କର୍ମଚାରୀଙ୍କୁ ମୋ-ସରକାର ଅଧିନକୁ ନିଆଯାଇଥିବାରୁ ହିନ୍ଦ ମଜଦୁର ସଭା (ଏଚ୍ଏମ୍ଏସ୍) ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଏହାକୁ ସ୍ୱାଗତ କରାଯିବା ସହ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀଙ୍କୁ ସର୍ବନିମ୍ନ ମାସିକ ୨୫ ହଜାର ଟଙ୍କା ପାରିଶ୍ରମିକ ପ୍ରଦାନ କରିବା ପାଇଁ ନିବେଦନ କରାଯାଇଛ । ଏ ସମ୍ପର୍କରେ ଏକ ବୈଠକ ରାଜ୍ୟ ଉପାଧକ୍ଷ ରବି ରଥଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଆଉଟସୋର୍ସିଂ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ବିଶେଷକରି ଶିକ୍ଷା ବିଭାଗ, ପୌର ସଂସ୍ଥା, ଡ଼ାକ୍ତରଖାନା, ବିଦ୍ୟୁତ, ଗ୍ରାମ ପରିମଳ ଇତ୍ୟାଦି ବିଭାଗରେ ଏହି କର୍ମଚାରୀମାନେ କାର୍ଯ୍ୟ କରନ୍ତି । ସମ୍ପୃକ୍ତ କର୍ମଚାରୀମାନଙ୍କୁ ମାତ୍ର ୧୦ ହଜାର ଟଙ୍କା ଦିଆଯାଇଥାଏ । ଏହି ଅର୍ଥରେ ୧୮ ପ୍ରତିଶତ ଜିଏସଟି ମଧ କଟାଯାଏ । ଉକ୍ତ ଦରମାରେ ପରିବାର ପ୍ରତିପୋଷଣ କରିବାରେ କର୍ମଚାରୀମାନେ ସମସ୍ୟାର ସମ୍ମୁଖୀନ ହୋଇଥାନ୍ତି । ତେଣୁ ଏକ ଜନକଲ୍ୟାଣ ରାଜ୍ୟର ସରକାର ଉକ୍ତ କର୍ମଚାରୀମାନଙ୍କୁ ସମାନ କାମକୁ ସମାନ ଦରମା ପ୍ରଦାନ ନୀତିରେ କାର୍ଯ୍ୟରତ ଆଉଟସୋର୍ସିଂ କର୍ମଚାରୀମାନଙ୍କୁ ସର୍ବନିମ୍ନ ୨୫ ହଜାର ଟଙ୍କା ପ୍ରଦାନ କରିବାକୁ ରାଜ୍ୟ ସରକାର ପଦକ୍ଷେପ ଗ୍ରହଣ କରନ୍ତୁ ବୋଲି ସଂଘ ପକ୍ଷରୁ ଦାବି କରାଯାଇଛି । ଏହି ବୈଠକରେ ଓଡ଼ିଶା ମେଡିକାଲ କର୍ମଚାରୀ ସଂଘ ରାଜ୍ୟ ଉପସଭାପତି ସୁକାନ୍ତ ମୁଖୀ, ଲାଲୁ ମୋହନ ବେହେରା, ଗଞ୍ଜାମ ଜିଲା ମେଡିକାଲ କର୍ମଚାରୀ ସଂଘର ସମ୍ପାଦିକା ରେଣୁପ୍ରିୟା ପାଢ଼ୀ, ରାଜ୍ୟ ଯୁଗ୍ମ ସମ୍ପାଦକ ରବିନ୍ଦ୍ର ନାୟକ, ମେହେନ୍ତର ସଂଘ ନେତା ମନୋରଞ୍ଜନ ଲିମାଇ, ଜିଇଡି କର୍ମଚାରୀ, ପରିବହନ କର୍ମଚାରୀ ଓ ଜଳଯୋଗାଣ କର୍ମଚାରୀ ସଂଘର ସଦସ୍ୟମାନେ ଉପସ୍ଥିତ ଥିଲେ ।

## ପୂର୍ବତନ ସାଂସଦଙ୍କ ମାତୃ ବିୟୋଗ

ସମ୍ବଲପୁର : ପୂର୍ବତନ ସାଂସଦ ନଗେନ୍ଦ୍ର କୁମାର ପ୍ରଧାନଙ୍କ ମାତା ଶ୍ରୀମତୀ ପଦ୍ମାବତୀ ପ୍ରଧାନଙ୍କର ୯୭ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସେ ଜଣେ ମିଷ୍ଟ ଭାଷୀ ଓ ପରୋପକାରୀ ମହିଳା ଥିଲେ । ସେ ତାଙ୍କ ପଛରେ ଚାରି ପୁଅ ରବିନ୍ଦ୍ର, ନଗେନ୍ଦ୍ର, ଲଳିତ, ସୁଶୀଳ ଓ ୩ ଝିଅଙ୍କୁ ଛାଡି ଚାଲି ଯାଇଛନ୍ତି । ଢ଼େଙ୍କାନାଳ ଜିଲ୍ଲା ବୁହାଲିପାଳ ସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସଂପନ୍ନ ହୋଇଛି ।


### ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

### Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

### Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# 'ସେତୁ' ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ସମ୍ବଲପୁର ପୁସ୍ତକ ମେଳା









ସମ୍ବଲପୁର : ଶୈକ୍ଷିକ ସଂସ୍ଥା 'ସେତୁ' ଓ ସମ୍ବଲପୁର ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ୨୩ତମ ସମ୍ବଲପୁର ପୁସ୍ତକ ମେଳା ଆରମ୍ଭ ହୋଇଛି । ବୀରସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ । ସଭାରେ ବରିଷ୍ଠ ସଦସ୍ୟ ହରିନାରାୟଣ ପଣ୍ଡା ସଭା ସଂଯୋଜନା କରିବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ସଦସ୍ୟ ସଚ୍ଚିଦାନନ୍ଦ ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଡକ୍ଟର ସିଦ୍ଧାର୍ଥ ପଣ୍ଡା ଧନ୍ୟବାଦ ଅର୍ପଣ ଏହି ଆଲୋଚନାଚକ୍ରରେ ବକ୍ତା ଭାବେ ଜିଏମ୍ ବିଶ୍ୱବିଦ୍ୟାଳୟ ଇତିହାସ ବିଭାଗର ପ୍ରାଧ୍ୟାପକ ଡକ୍ଟର ଅତୁଲ୍ୟ ପ୍ରଧାନ ଓ ପ୍ରଫେସର ବିଶ୍ୱଜିତ ପ୍ରଧାନ ଯୋଗ ଦେଇଥିଲେ । ଶେଷରେ ସେତୁ ଅନୁଷ୍ଠାନର ଉପ ସଭାପତି ରୀତାରାଣୀ ମହିଳା ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସଂଘମିତ୍ରା ମିଶ୍ର, ଜିଏମ୍ ବିଶ୍ୱବିଦ୍ୟାଳୟର କୁଳସଚିବ ଯୁଗଳେଶ୍ୱରୀ ଦାଶ ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

'ସମ୍ବଲପୁରୀ କଥା ସାହିତ୍ୟ ଆଏଜ୍ ଆରୁ ଦାଶଙ୍କ ଅଧକ୍ଷତାରେ ଆୟୋଜିତ 'ଗଣତନ୍ତ୍ରରେ ନାଗରିକର ଦାବି ଓ ଦାୟିତ୍ୱ' ଶୀର୍ଷକ ଆଲୋଚନାଚକ୍ରରେ ଅଧାପକ ଡକ୍ଟର ଜ୍ଞାନରଞ୍ଜନ ସ୍ୱାଇଁ, ଶିବ ଶଙ୍କର ନନ୍ଦ, ମହାନଗର ନିଗମ ପ୍ରବର୍ତ୍ତନ ଅଧିକାରୀ ଶୁଭଙ୍କର ମହାନ୍ତି, ଗୁଣ ରଞ୍ଜନ





ପ୍ରଫେସର ବଂଶୀଧର ମାଝୀ, ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ହରେକୃଷ୍ଣ ଶତପଥି ଏବଂ ପ୍ରଫେସର ଆଦିତ୍ୟ ପ୍ରସାଦ ପାଢୀ ପୁସ୍ତକ ମେଳାକୁ ଉଦ୍‌ଘାଟନ କରିଥିଲେ । ସେତୁ ସଭାପତି ପ୍ରଫେସର ମୀନକେତନ ପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଜାମ୍ବର ମହାନ୍ତି ମଧ ଉପସ୍ଥିତ କରିଥିଲେ । ଚଳିତବର୍ଷ ସମୁଦାୟ ୧୪୦ଟି ଷ୍ଟଲ୍ ଏହି ପୁସ୍ତକ ମେଳାରେ ରହିଛି । ଏବର୍ଷ କିଛି ଖାଦ୍ୟ ଷ୍ଟଲର ବ୍ୟବସ୍ଥା ମଧ ହୋଇଛି । ଏହା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ । ସମ୍ବଲପୁର ପୁସ୍ତକ ମେଳାରେ ପ୍ରଥମ ଆଲୋଚନାଚକ୍ର 'ପଶ୍ଚିମ ଓଡିଶାର ଐତିହାସିକ ବିଭବ' ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ନୀଳେନ୍ଦ୍ରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଏହି ଅବସରରେ 'ସାହିତ୍ୟରେ ନାରୀବାଦ' ଶୀର୍ଷକ ଆଲୋଚନାଚକ୍ରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଭାରତୀୟ ସଂସ୍କୃତିରେ ନାରୀ ମାନଙ୍କ ସ୍ଥାନ ଉର୍ଦ୍ଧ୍ୱରେ ବୋଲି ପ୍ରକାଶ କରିଥିଲେ । ଡକ୍ଟର ସବିତା ତ୍ରିପାଠୀଙ୍କ ଅଧକ୍ଷତାରେ ଆୟୋଜିତ ଏହି ଆଲୋଚନାଚକ୍ରରେ ବରଗଡ କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ଶ୍ରୀବନ୍ତ କାଏଲ୍' ଶୀର୍ଷକ ଉପରେ ମୁକ୍ତକଣ୍ଠ ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏନ୍. ନାଗାରାଜୁ ମୁଖ୍ୟ ଅତିଥି ଏବଂ ଡକ୍ଟର ସୁବାସ ମେହେର ଓ ଅଧାପକ ସୁଶାନ୍ତ କୁମାର ମିଶ୍ର ଆଲୋଚକ ଭାବେ ଯୋଗ ଦେଇଥିଲେ । ସେହିପରି ଗଙ୍ଗାଧର ମେହେର କଲେଜର ପୂର୍ବତନ ଅଧକ୍ଷ ପ୍ରଫେସର ଶ୍ରୀବନ୍ତ ସାଲିମା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

ସମ୍ବଲପୁର ପୁସ୍ତକ ମେଳାର ସପ୍ତମ ଦିବସରେ ଡାକ୍ତର ରମାବଲ୍ଲଭ ମିଶ୍ରଙ୍କ ଅଧକ୍ଷତାରେ ଆୟୋଜିତ 'ଇ-ବୁକ୍ ବନାମ୍ ମୁଦ୍ରିତ ପୁସ୍ତକ' ଶୀର୍ଷକ ଉପରେ ଆୟୋଜିତ ଆଲୋଚନା ଚକ୍ରରେ କବି ଦୁର୍ଗା ପଣ୍ଡା ଆଲୋଚକ ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କେତେକ ପୁସ୍ତକ ମଧ ଉନ୍ମୋଚିତ ହୋଇଥିଲା ।

# ପିଏମ ଗତିଶକ୍ତି : ଜାତୀୟ ଲଜିଷ୍ଟିକ୍ସ ନୀତି ଉପରେ ପୂର୍ବ ଜୋନ ସମ୍ମିଳନୀ






ଭୁବନେଶ୍ୱର: କୋଇଲା ମନ୍ତ୍ରଣାଳୟ ପକ୍ଷରୁ ପିଏମ ଗତିଶକ୍ତି (ବହୁମୁଖୀ ଯୋଗାଯୋଗ ନିମନ୍ତେ ଜାତୀୟ ମାଷ୍ଟର ପ୍ଲାନ) ଓ ଜାତୀୟ ଲଜିଷ୍ଟିକ୍ସ ନୀତି ଉପରେ ପୂର୍ବ ଜୋନ ସମ୍ମିଳନୀ ଆୟୋଜିତ ହୋଇଯାଇଛି । ମହାନଦୀ କୋଲଫିଲ୍ଡସ ଲିମିଟେଡ ଓ ଓଡ଼ିଶା ସରକାରଙ୍କ ସହଯୋଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ।

ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଇସ୍ପାତ ମନ୍ତ୍ରଣାଳୟର ସଚିବ ଶ୍ରୀ ନାଗେନ୍ଦ୍ର ନାଥ ସିହ୍ନା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । କୋଇଲା ମନ୍ତ୍ରଣାଳୟର ଅତିରିକ୍ତ ସଚିବ ଶ୍ରୀ ଏମ ନାଗରାଜୁ, ଝାଡ଼ଖଣ୍ଡ ସରକାରଙ୍କ ଖଣି ସଚିବ ଶ୍ରୀ ଅବୁବାକର ସିଦ୍ଧିକି ପି, ଏନଏଲସି-ଆଇଏଲର ଅଧକ୍ଷ ଶ୍ରୀ ପ୍ରସନ୍ନ କୁମାର ମୋଟୁପଲ୍ଲୀ ମଧ କାର୍ଯ୍ୟକ୍ରମରେ ଉଦ୍‌ବୋଧନ ଦେଇଥିଲେ । ଏମସିଏଲର କାର୍ମିକ ନିର୍ଦ୍ଦେଶକ ଶ୍ରୀ କେଶବ ରାଓ ମଧ ଏଥିରେ ଯୋଗ ଦେଇଥିଲେ । 'ପୂର୍ବାଞ୍ଚଳରେ ଭିତ୍ତିଭୂମି ବିକାଶ' ଉପରେ ୧୦ ଜଣ ସିଇଓଙ୍କୁ ନେଇ ଏକ ମତବିନିମୟ ଅଧିବେଶନ ମଧ ଆୟୋଜନ କରାଯାଇଥିଲା ।

# ପରିଚୟର ପ୍ରତିଷ୍ଠା ଦିବସରେ ରକ୍ତଦାନ ଶିବିର



ସମ୍ବଲପୁର : 'ପରିଚୟ' ଅନୁଷ୍ଠାନର ଅଷ୍ଟମ ପ୍ରତିଷ୍ଠାତା ଦିବସ ପାଳିତ ହୋଇଯାଇଛି । ଏଥିରେ ଜିଲ୍ଲାପାଳ ଅନନ୍ୟା ଦାସ ମୁଖ୍ୟଅତିଥି ଓ ରେଡକ୍ରସ୍‌ର ସମ୍ପାଦକ ଜୟ ଜର୍ଜ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ମାଝିପାଲି ସ୍ଥିତ ଏମସ୍ କଲେଜରେ ଅନୁଷ୍ଠିତ ରକ୍ତଦାନ ଶିବିରରେ ୩୨ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା ।

# ଭିଏସଏସୟୁଟିରେ କର୍କଟ ସଚେତନତା ସଭା

ବୁର୍ଲା: ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱ ବିଦ୍ୟାଳୟର ଏସଏସଜି ସୋସାଇଟି ପକ୍ଷରୁ କର୍କଟ ରୋଗ ସମ୍ପର୍କରେ ଏକ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି । ଏଥିରେ ଭୁବନେଶ୍ୱରର ସମ୍ ଅଲ୍‌ଟିମେଟ୍ ମେଡିକାଲ ବିକିରଣ ଓଙ୍କୋଲଜୀ ବିଭାଗର ସିନିୟର୍ କନସଲଟାଣ୍ଟ ଏବଂ ମୁଖ୍ୟ ଡାକ୍ତର ଚିତ୍ତରଞ୍ଜନ ଖଡ଼ଙ୍ଗା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅଭିଯାନରେ ଭିସୁଟର କୁଳପତି ପ୍ରଫେସର ବଂଶୀଧର ମାଝୀ, କୁଳସଚିବ ଶ୍ରୀ ପ୍ରଦୀପ ଡାଙ୍ଗ ଏବଂ ଛାତ୍ର କଲ୍ୟାଣ ବିଭାଗର ଡିନ୍ ପ୍ରଫେସର ସଞ୍ଜୟ କୁମାର ପାତ୍ର ଏବଂ ଅନ୍ୟାନ୍ୟ ଅଧାପକ-ଅଧାପିକା ଉପସ୍ଥିତ ଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra